# ନିମାପଡ଼ାରେ ୭୬.୦୫ ପ୍ରତିଶତ ମତଦାନ







## ଶାନ୍ତିଶୃଙ୍ଖଳାର ସହ ଭୋଟ୍ ସରିଲା

ନିମାପଡ଼ା, ୧।୬(ସମିସ): ନିମାପଡ଼ା ନିର୍ବାଚନମଣ୍ଡଳୀ ୩୨ ପଞ୍ଚାୟତ, ୧୧ଟି ୱାର୍ଡ ଓ ଗୋପ ବ୍ଲକର ୧୪ଟି ପଞ୍ଚାୟତକୁ ନେଇ ଗଠିତ। ନିମାପଡ଼ା ୧୦୬ ବିଧାନସଭା କ୍ଷେତ୍ରରେ ନିମାପଡ଼ା ବ୍ଲକରେ ୧୯୭ଟି ମତଦାନ କେନ୍ଦ୍ରରୁ ୩୦ଟି ଆଦର୍ଶ ସଖି ମତଦାନ କେନ୍ଦ୍ର ହୋଇଥିବା ବେଳେ ସବୁ ମତଦାନ କେନ୍ଦ୍ର ଗୁଡିକରେ ସକାଳୁ ଭୋଟଦାତାମାନେ ଲମ୍ବାଲାଇନ ଲଗାଇ ଶାନ୍ତି ଶୃଙ୍ଖଳାସହ ମତଦାନ କରିଛନ୍ତି। ତେବେ ଏହି ବ୍ଲକରେ କେତୋଟି ବୁଥ୍ ଅଧିକ ସଂଖ୍ୟକ ଭୋଟ ଦାତା ଥିବାରୁ ମତଦାନରେ ବିଳମ୍ବ ଘଟିଥିଲା। ତେବେ କେତେକ ସ୍ଥାନରେ ସାମାନ୍ୟ ଗଣ୍ଡଗୋଳ ହୋଇଥିବା ସୂଚନା ମିଳିଛି। ବିଜେଡିର ବିଧାୟକ ପ୍ରାର୍ଥୀ ଦିଲ୍ଲୀପ ନାୟକ ତାଙ୍କର ମତଦାନ ତମ୍ପାଳୋ ୨୫୧ର ବୁଥ୍‌ରେ ମତଦାନ କରିଛନ୍ତି। ପ୍ରଭାତୀ ପରିଡ଼ା ତେରୁଣ୍ଡିଆ ପଞ୍ଚାୟତ ୨୨୬ନମ୍ବର ବୁଥ୍ ରେ ମତଦାନ କରିଥିବା ବେଳେ ନିମାପଡ଼ା ବିଧାୟକ ସମୀର ରଞ୍ଜନ ଦାଶ ଭିଲିଗ୍ରାମ ପଞ୍ଚାୟତ ବିଷ୍ଣୁପୁର ନୋଡାଲ ଉଚ୍ଚ ବିଦ୍ୟାଳୟ ୨୦୭ନମ୍ବର ବୁଥ୍‌ରେ ମତଦାନ କରିଛନ୍ତି। ବ୍ଲକ ପ୍ରଶାସନ ପକ୍ଷରୁ ୨୦ ଜଣ ସେକ୍ଟର ଅଧିକାରୀ, ଭ୍ରାମ୍ୟମାଣ ଅଧିକାରୀ ନିୟୋଜିତ ହୋଇଛନ୍ତି। ସ୍ଥାନୀୟ ପୁଲିସ ପ୍ରଶାସନ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଛି।ନିମାପଡ଼ା ରେ ସର୍ବାଧିକ ୭୬.୦୫ ପ୍ରତିଶତ ମତଦାନ ହୋଇଥିବା ଜଣାପଡ଼ିଛି।

## ସରିଲା କାକଟପୁର ନିର୍ବାଚନମଣ୍ଡଳୀରେ ମତଦାନ

# ଭୋଟ ଦେଲେ ବର୍ଷୀୟାନ୍ ନେତା ସୁରେନ୍ଦ୍ର ନାୟକ ଏବଂ ମନ୍ତ୍ରୀ ତୁଷାରକାନ୍ତି





ଅସ୍ତରଙ୍ଗ, ୧।୬(ସମିସ): କାକଟପୁର ବିଧାନସଭା କ୍ଷେତ୍ରରେ ଶନିବାର ସରିଲା ଶେଷ ପର୍ଯ୍ୟାୟ ନିର୍ବାଚନ। ଭୋଟର ମାନେ ସକାଳ ୭ ଘଟିକାରୁ ବିଭିନ୍ନ ମତଦାନ କେନ୍ଦ୍ରରେ ନିଜ ନିଜ ମତାମତ କରିଛନ୍ତି। ଅଞ୍ଚଳର ବର୍ଷୀୟାନ ନେତା ତଥା ପୂର୍ବତନ ମନ୍ତ୍ରୀ ସୁରେନ୍ଦ୍ର ନାଥ ନାୟକ ତାଙ୍କ ନିଜ ଗାଁ ବୁଥ୍ ଅଣକଣାରେ ହୁଇଲ ଚେୟାରରେ ବସି ମତଦାନ ସାବ୍ୟସ୍ତ କରିଛନ୍ତି। ସେହିପରି ମନ୍ତ୍ରୀ ତୁଷାରକାନ୍ତି ବେହେରା ବି ତାଙ୍କ ନିଜ ଗାଁରେ ମତଦାନ କରିଚନ୍ତି। ଏଠି ସବୁଠୁ ନିଆରା ବୁଥ୍ ସାଜିଛି ଅସ୍ତରଙ୍ଗ ପ୍ରାଥମିକ ବିଦ୍ୟାଳୟ ଓ କାକଟପୁର ନୋଡାଲ ବାଳିକା ଉଚ୍ଚ ବିଦ୍ୟାଳୟ। ଏହି ବୁଥ୍‌କୁ ଥିମେଟିକାଲ ବୁଥ୍ କରାଯାଇଛି। ଏହି ଅଞ୍ଚଳ କୃଷି ପ୍ରଧାନ ହୋଇଥିବାରୁ ଧାନ, ପାନ, ମୀନକୁ ନେଇ ଉଭୟ ବୁଥ୍‌କୁ ଥିମ ବୁଥ୍ କରାଯାଇଛି। ଅସ୍ତରଙ୍ଗରେ ମୋଟ ୭୮ଟି ବୁଥ୍, କାକଟପୁରରେ ୯୪ଟି ବୁଥ୍ ହୋଇଛି, ଏହି ବୁଥ୍ ଭିତରେ ସଖି ବୁଥ୍ କରାଯାଇଛି, କଳା ସଂସ୍କୃତିକୁ ନେଇ ବିଭିନ୍ନ ରୂପରେଖ ଦିଆଯାଇଛି। ଏହି ସବୁ କେନ୍ଦ୍ରରେ ଭୋଟରମାନେ ନିଜର ମତାମତ ସାବ୍ୟସ୍ତ କରି ଖୁସି ଅନୁଭବ କରିଛନ୍ତି। ଶୃଙ୍ଖଳାର ସହିତ ମତଦାନ ପାଇଁ ପୁରୀ ପୁଲିସ ତରଫରୁ ବ୍ୟାପକ ପ୍ରସ୍ତୁତି କରାଯାଇଥିଲା। ୨ଟି ବ୍ଲକରେ ୩ ଜଣ ଅତିରିକ୍ତ ଏସ୍‌ପି, ୬ ଜଣ ଡ଼ିଏସ୍‌ପି, ୨୦ ଜଣ ଇନସପେକ୍ଟରଙ୍କ ସହିତ ୮୮ ସେକ୍ସନ ଫୋର୍ସ ମୁତୟନ କରାଯାଇଥିଲା। ଯେଉଁଠି ଉତ୍ତେଜନା ପ୍ରବଣ ବୁଥ୍ ସେଠି କେନ୍ଦ୍ରୀୟ ଶଶସ୍ତ୍ର ବାହିନୀଙ୍କୁ ମୁତୟନ କରାଯାଇଥିଲା। ଶାନ୍ତି ଶୃଙ୍ଖଳାର ସହ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି।

● ନୟାହାଟ ଅଞ୍ଚଳରେ ୮୦% ମତଦାନ

# ୪୦ମିନିଟ ଇଭିଏମ ଅଚଳ

ନୟାହାଟ, ୧।୬(ସମିସ): ଜଗସିଂହପୁର ଲୋକସଭା ଓ କାକଟପୁର ବିଧାନସଭା ଶେଷ ପର୍ଯ୍ୟାୟ ନିର୍ବାଚନ ଶନିବାର ଦିନ ନୟାହାଟ ଅଞ୍ଚଳରେ ଶାନ୍ତି ଶୃଙ୍ଖଳାରେ ଶେଷ ହୋଇଥିବା ନୟାହାଟ ଫାଣ୍ଡି ଅଧିକାରୀ କୁନାଲ କୁମାର ପ୍ରକାଶ କରିଛନ୍ତି। ନୟାହାଟ ଅଞ୍ଚଳର ୭ ଟି ପଞ୍ଚାୟତର ୩୭ଟି ବୁଥ୍‌ରେ ୮୦ପ୍ରତିଶତ ମତଦାନ ହୋଇଛି। ଧୂମାଳ ପଞ୍ଚାୟତର ଶିଙ୍ଗପାନିଆ ଉପ୍ରା ବିଦ୍ୟାଳୟ ବୁଥ୍‌ରେ ୪୦ମିନିଟ ଧରି ଭୋଟ ମେସିନ ଅଚଳ ହେବା ଫଳରେ ମତଦାନରେ ବାଧାପ୍ରାପ୍ତ ହୋଇଥିଲା, ପ୍ରଶାସନ ପକ୍ଷରୁ ଅଚଳ ଇଭିଏମ୍ ବଦଳାଯାଇ ନୂତନ ଇଭିଏମ୍ ଲଗାଯିବା ପରେ ଭୋଟରମାନେ ମତଦାନ କରିଥିଲେ।

## ଇଭିଏମରେ ତ୍ରୁଟି ଯୋଗୁଁ ମତଦାନରେ ବିଳମ୍ବ

ଚାରିଛକ, ୧।୬(ସମିସ): ବ୍ରହ୍ମକୁଣ୍ଡୀ ୨୧୮ ନଂ ବୁଥ୍‌ରେ ଇଭିଏମ୍‌ରେ ଯାନ୍ତ୍ରୀକ ତ୍ରୁଟି ଯୋଗୁଁ ମତଦାନରେ ବିଳମ୍ବ ହୋଇଥିବା ଜଣାପଡ଼ିଛି। ଖବରରୁ ଜଣାଯାଏ ନିମାପଡ଼ା ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଚାରିଛକ ବଜାରରେ ଥିବା ବ୍ରହ୍ମକୁଣ୍ଡୀ ପୁରୁଷୋତ୍ତମ ନୋଡାଲ ଉପ୍ରା ବିଦ୍ୟାଳୟ ପରିସରରେ ୨୧୮ ନଂ ବୁଥରେ ସକାଳୁ ମତଦାନ ଆରମ୍ଭ ହେବା ସମୟରେ ଇଭିଏମ୍ ଯାନ୍ତ୍ରୀକ ତ୍ରୁଟି ଉପୁଜିବାରୁ ମତଦାନରେ ପ୍ରାୟ ୩ଘଣ୍ଟା ବିଳମ୍ବ ଘଟିଥିଲା। ଫଳରେ ମତଦାନ କରିବାକୁ ଆସିଥିବା ଭୋଟରମାନେ ଦୀର୍ଘ ସମୟ ଧରି ଅପେକ୍ଷାରତ ଥିଲେ। ପରେ ବ୍ଲକ କାର୍ଯ୍ୟାଳୟରୁ ନୂତନ ଇଭିଏମ୍ ଅଣାଯାଇ ଲଗାଯିବାରୁ ମତଦାନ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ସେହିପରି ଛଣିଜଙ୍ଗ ଉପ୍ରା ବିଦ୍ୟାଳୟର ୨୩୨ନଂ ବୁଥରେ ଇଭିଏମ୍‌ରେ ଯାନ୍ତ୍ରୀକ ତ୍ରୁଟି ଯୋଗୁଁ ଏକ ଘଣ୍ଟା ବିଳମ୍ବରେ ମତଦାନ ହୋଇଥିଲା।

● ପ୍ରଧାନଶିକ୍ଷୟିତ୍ରୀଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା

# ବୃକ୍ଷରୋପଣ କରି ଛାତ୍ରଛାତ୍ରୀଙ୍କୁ ଦେଲେ ପରିବେଶର ବାର୍ତ୍ତା



ସାକ୍ଷୀଗୋପାଳ, ୧।୬(ସମିସ): ମୁଖ୍ୟମନ୍ତ୍ରୀ ପୁରସ୍କାର ପ୍ରାପ୍ତ କାଦୁଆ ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ପ୍ରଶାନ୍ତି ହୋତା ସରକାରୀ କାର୍ଯ୍ୟରୁ ଅବସରଗ୍ରହଣ କରିଛନ୍ତି। ବିଦ୍ୟାଳୟ ପରିସରରେ ବୃକ୍ଷରୋପଣ କରି ଛାତ୍ରଛାତ୍ରୀ ଙ୍କୁ ଦେଲେ ପରିବେଶର ବାର୍ତ୍ତା। ଏହି ଅବସରରେ ବିଦ୍ୟାଳୟ ପରିସରରେ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା।୧୯୮୭ ମସିହା ବିରାରମଚନ୍ଦ୍ରପୁର ପଞ୍ଚାୟତର ତାଳପଡ଼ା ସ୍କୁଲରେ ଆରମ୍ଭ କରିଥିଲେ ଶିକ୍ଷକତା। ବିଭିନ୍ନ ବିଦ୍ୟାଳୟରେ ଶିକ୍ଷୟିତ୍ରୀ ଭାବେ ଶିକ୍ଷାଦାନ କରି ଶେଷରେ ୨୦୨୧ରୁ ଆଜି ପର୍ଯ୍ୟନ୍ତ କାଦୁଆ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ଦାୟିତ୍ୱ ତୁଲାଇଥିଲେ। ସ୍କୁଲର ସମସ୍ତ କର୍ମକର୍ତ୍ତା ଓ ଅଭିଭାବକଙ୍କ ପକ୍ଷରୁ ଆୟୋଜିତ ହୋଇଥିଲା ପ୍ରଧାନଶିକ୍ଷୟିତ୍ରୀଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ। ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ବ୍ଲକ ମଣ୍ଡଳ ଶିକ୍ଷା ଅଧିକାରିଣୀ ଭବମ୍ ପ୍ରଧାନ, ବିଆର୍ ସିସି ପ୍ରଭାସ ଚନ୍ଦ୍ର କରଣ ଏବିଓ କୁମୁଦିନୀ ମିଶ୍ର, କାଦୁଆ ଦରିଦ୍ର ସେବା କେନ୍ଦ୍ର ସମ୍ପାଦକ ପ୍ରମୋଦ ମହାନ୍ତି, ସିଆରସିସି ସୁନୀଲ ବେହେର, ପରିଚାଳନା କମିଟିର ସଭାପତି ଓ ଆଲୁମିନି ସଦସ୍ୟଙ୍କ ସହ ଅନେକ ଶିକ୍ଷକଶିକ୍ଷୟିତ୍ରୀ ଯୋଗଦେଇ ଥିଲେ। ପ୍ରଥମେ ମହାପ୍ରଭୁ ଜଗନ୍ନାଥଙ୍କ ନିକଟରେ ପୁଷ୍ପ ଓ ଦୀପ ପ୍ରଜ୍ୱଳନ ପୂର୍ବକ ସଭା କାର୍ଯ୍ୟ ଆରମ୍ଭ ହୋଇଥଲା। ପ୍ରଧାନଶିକ୍ଷୟତ୍ରୀଙ୍କୁ ଉପଢ଼ୌକନ, ଫୁଲତୋଡ଼ା ଓ ମାନପତ୍ର ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରଧାନ ଶିକ୍ଷୟତ୍ରୀ ପ୍ରଶାନ୍ତି ହୋତା ନିଜ କର୍ମକ୍ଷେତ୍ରରେ ଶିକ୍ଷାଦାନ କରି ନିଜ ଶିକ୍ଷକତାର ନିଜ ଦାୟିତ୍ୱକୁ ସଠିକ ଭାବେ ତୁଲାଇ ଏକ ନିଆରା ପରିଚୟ ସୃଷ୍ଟି କରିଛନ୍ତି। ତାଙ୍କର ନିଷ୍ଠାପର କର୍ତ୍ତବ୍ୟ ଯୋଗୁଁ ମୁଖ୍ୟମନ୍ତ୍ରୀ ସମ୍ମାନିତ କରିଥିଲେ ବୋଲି ଅତିଥିମାନେ ମତ ବ୍ୟକ୍ତ କରିଥିଲେ। ପରେ ସ୍କୁଲ ହତା ପରିସରରେ ଦୁଇଟି ବଉଳ ବୃକ୍ଷରୋପଣ କରି ନିଜର ପରିଚୟ ରଖିଥଲେ ଅବସର ଗ୍ରହଣ କରିଥିବା ପ୍ରଧାନ ଶିକ୍ଷୟତ୍ରୀ। ମଞ୍ଚ ପରିଚାଳନା କରିଥିଲେ ଶିକ୍ଷୟତ୍ରୀ ସୁଜାତା ଦେବୀ।

# ଶାନ୍ତିଶୃଙ୍ଖଳାରେ ସରିଲା ମତଦାନ



ନୂଆପଲମହାଟ, ୧।୬(ସମିସ): ଶେଷ ପର୍ଯ୍ୟାୟ ସାଧାରଣ ନିର୍ବାଚନ ନିମାପଡ଼ା ଏବଂ କାକଟପୁର ନିର୍ବାଚନମଣ୍ଡଳୀ ଅର୍ନ୍ତଗତ ନୂଆପଲମହାଟ ଅଞ୍ଚଳରେ ଶାନ୍ତିଶୃଙ୍ଖଳାରେ ଶେଷ ହୋଇଛି। ଭୋଟର ଭାଇ ଓ ଭଉଣୀମାନେ ଶୃଙ୍ଖଳିତ ଭାବେ ନିଜ ନିଜ ମତଦାନ କେନ୍ଦ୍ରରେ ମତ ଦାନ କରିଛନ୍ତି। ବାହାରଣା ପଞ୍ଚାୟତର ବାହାରଣା, ଖୁଲିଶ, ବାଇଦିପଡ଼ା ଆଦି ମତଦାନ କେନ୍ଦ୍ରରେ ସୁରୁଖୁରୁରେ ମତଦାନ ହୋଇଛି। ସେହିପରି କାକଟପୁର ନିର୍ବାଚନ ମଣ୍ଡଳୀର ଜଙ୍ଗଲବୋରି, ଧୂମାଳ, ଯୋଗେଶ୍ୱରପୁର୍, ସିଂଘପାନିଆ, ସୁନ୍ଦର, ନୂଆପାଟଣା ଆଦି ମତଦାନ କେନ୍ଦ୍ରରେ ସୁରୁଖୁରୁରେ ମତଦାନ ହୋଇଛି। ଏହି ମହାପର୍ବରେ ଲକି ସାହୁ, ପ୍ରଭାତ ମୋହାପାତ୍ର, ସର୍ବେଶ୍ୱର ରଥ, ଜମ୍ବେଶ୍ୱରଙ୍କୁ ନାୟକ, ସଦାଶିବ ମିଶ୍ର, ମାନସ ସାହୁ, ମାନସ ପାତ୍ର ପ୍ରମୁଖ ମତଦାନ କରିବା ସହିତ ଭୋଟରମାନେ କିପରି ଶୃଙ୍ଖଳାର ସହ ମତଦାନ କରିବା ପାଇଁ ସହଯୋଗ କରିଥିଲେ।

# ୨୧୭ ନମ୍ବର ବୁଥ୍‌ରେ ଗଣ୍ଡଗୋଳ; ବିଜେଡି କର୍ମୀ ଆହତ



ଚାରିଛକ, ୧।୬(ସମିସ): ନିମାପଡ଼ା ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ୨୧୭ନଂ ବୁଥରେ ଅପରାହ୍ନରେ ଭୋଟ ଗ୍ରହଣ ଚାଲିଥିବା ସମୟରେ ଦୁଇ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ଘଟି ଜଣେ ଆହତ ହୋଇ ଚିକିତ୍ସିତ ହେଉଥିବା ଜଣାପଡ଼ିଛି। ଖବରରୁ ଜଣାଯାଏ ଚାରିଛକ ବଜାରରେ ଥିବା ପୁରୁଷୋତ୍ତମ ନୋଡାଲ ଉପ୍ରା ବିଦ୍ୟାଳୟ ପରିସରରେ ୨୧୭ ନଂ ବୁଥରେ ୨୦୨୪ ସାଧାରଣ ନିର୍ବାଚନରେ ନିମାପଡ଼ା ବିଧାନସଭା ଏବଂ ଜଗତସିଂହପୁର ଲୋକସଭା ଆସନ ପାଇଁ ମତଦାନ ଚାଲିଥିବା ସମୟରେ ରାଜନୈତିକ ଶତ୍ରୁତାକୁ କେନ୍ଦ୍ର କରି ମତଦାନ କେନ୍ଦ୍ର ପରିସରରେ ବିଜେପି କର୍ମୀ ବ୍ରହ୍ମକୁଣ୍ଡୀ ଗ୍ରାମର କ୍ଷୀରୋଦ ନାୟକ ଭୋଟରମାନଙ୍କୁ ନିଜ ଦଳ ସପକ୍ଷରେ ଆକୃଷ୍ଟ କରୁଥିବା ସମୟରେ ସେହି ଗ୍ରାମର ବିଜେଡି କର୍ମୀ ଦିଲ୍ଲୀପ କୁମାର ନାୟକ ବିରୋଧ କରିଥିଲେ। ଏହି ଘଟଣାକୁ ନେଇ ଉଭୟଙ୍କ ମଧ୍ୟରେ ଘଟଣା ସ୍ଥଳରେ ଗଣ୍ଡଗୋଳ ଘଟିଥିଲା। ଉଭୟ ଦଳର ସମର୍ଥକ ଏକାଠି ହୋଇଯିବାରୁ ଗୋଷ୍ଠି ସଙ୍ଘର୍ଷ ହୋଇଥିଲା, ଫଳରେ ବୁଥ୍ ପରିସରରେ ଉଭୟ ଗୋଷ୍ଠି ମଧ୍ୟରେ ଟେକା ପଥର ମାଡ ହେବାରୁ ପରିସ୍ଥିତି ଅଣାୟତ ହୋଇଥିଲା। ଏଥିରେ ଦିଲ୍ଲୀପ ଗୁରୁତର ଆହତ ହୋଇ ଚାରିଛକ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ଜଣାପଡ଼ିଛି। ଖବର ପାଇ ଚାରିଛକ ଥାନା ଅଧିକାରୀ ସଂଗ୍ରାମ କେଶରୀ ସ୍ୱାଇଁ ସଦଳବଳେ ଘଟଣାସ୍ଥଳରେ ପହଁଞ୍ଚିଚ ପରିସ୍ଥିତିକୁ ଆୟତକୁ ଆଣିଥିଲେ ଏହା ପରେ ମତଦାନ ସୁଚାରୁ ଭାବେ ଶେଷ ହୋଇଥିଲା। ଏହି ଘଟଣାରେ ଚାରିଛକ ଅଞ୍ଚଳରେ ଚାପା ଉତ୍ତେଜନା ଲାଗି ରହିଥିବା ଦେଖିବାକୁ ମିଳିଛି। ଖବରଲେଖା ହେବା ପର୍ଯ୍ୟନ୍ତ ଏନେଇ ଉଭୟ ପକ୍ଷରୁ ଥାନାରେ କୌଣସି ଅଭିଯୋଗ ହୋଇନଥିବା ଜଣାପଡ଼ିଛି।

# କୁଣ୍ଢେଇ ୧୭୧ ନମ୍ବର ବୁଥ୍



କୁଣ୍ଢେଇ, ୧।୬ (ସମିସ): କାକଟପୁର ନିର୍ବାଚନ ମଣ୍ଡଳୀର କାକଟପୁର ବ୍ଲକ ୧୬ ଟି ପଞ୍ଚାୟତରେ ୧୦୨ ଟି ବୁଥ୍ ରେ ଶାନ୍ତିଶୃଙ୍ଖଳାର ସହିତ ଭୋଟ ଗ୍ରହଣ ଶେଷ ହୋଇଛି। କୁଣ୍ଢେଇ ପଞ୍ଚାୟତ ବାଜପୁର ଗ୍ରାମର ୧୭୧ ନମ୍ବର ବୁଥ୍ ପାଇଁ ଆସିଥିବା ଇଭିଏମ୍‌ରେ ତ୍ରୁଟି ଦେଖାଦେଇଥିଲା ଏହାକୁ ଚଳାଇବା ପାଇଁ ପ୍ରିଜାଇଡିଂ ଏବଂ ପୁଲିଂ ଅଫିସରଙ୍କ ଚେଷ୍ଟା କରିଥିଲେ। ତ୍ରୁଟି ସୁଧାରିବା ପରେ ଏକ ଘଣ୍ଟା ବିଳମ୍ବରେ ଭୋଟ ଗ୍ରହଣ ଆରମ୍ଭ ହୋଇଥଲା। ଗ୍ରୀଷ୍ମପ୍ରବାହ ତାତି ପାଇଁ ବୁଥ୍ ଗୁଡ଼ିକରେ ଜଳ, ଓଆରଏସ୍ ଏବଂ ଟେଣ୍ଟର ବ୍ୟବସ୍ଥା ପ୍ରଶାସନ ତରଫରୁ କରାଯାଇଥିଲା। ଭିନ୍ନକ୍ଷମ ଓ ସିନିୟର୍ ସିଟିଜେନଙ୍କ ମଧ୍ୟ ଉତ୍ତମ ବ୍ୟବସ୍ଥା କରାଯାଇଥିଲା।

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ ବାଲୁଙ୍କେଶ୍ୱର ପଣ୍ଡା
ଆବିର୍ଭାବ : ୧୩.୦୫.୧୯୫୨
ତିରୋଧାନ : ୨୮.୦୫.୨୦୨୪
ନଇଗୁଆ, ଅସ୍ତରଙ୍ଗ
ମନେ ପଡୁଛି ତୁମର ସ୍ନେହ, ଶ୍ରଦ୍ଧା, ତ୍ୟାଗ ଓ ଭଲ ପାଇବାର ସ୍ମୃତି। ତୁମର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ଆମେ ସମସ୍ତେ ବିନମ୍ର ପ୍ରାର୍ଥନା କରୁଛୁ।
-: ଶୋକସନ୍ତପ୍ତ :-
ପରିବାରବର୍ଗ, ଆତ୍ମୀୟସ୍ୱଜନ ଓ ବନ୍ଧୁବାନ୍ଧବ

## ଘନିପୁର ଗାଁକୁ ପକ୍କା ରାସ୍ତା ନାହିଁ

# ଅସରାଏ ବର୍ଷାରେ କାଦୁଅ ପଚପଚ ମାଟିରାସ୍ତା

ଡେଲାଙ୍ଗ, ୧।୬(ସମିସ):



ସାଧାରଣ ଲୋକମାନଙ୍କ ଗମନାଗମନ ବ୍ୟବସ୍ଥାକୁ ସୁଦୃଢ କରିବା ପାଇଁ କୋଟି କୋଟି ଟଙ୍କା ବ୍ୟୟ ବରାଦରେ ବିଭିନ୍ନ ପ୍ରକଳ୍ପ ମାଧ୍ୟମରେ ନୂତନ ରାସ୍ତାଘାଟ ନିର୍ମାଣ ତଥା ଦୋହରୀକରଣ କରାଯାଉଛି। କିନ୍ତୁ ଡେଲାଙ୍ଗ ବ୍ଲକ ଗୁଆଳିପଡ଼ା ପଞ୍ଚାୟତର ପଡ଼ାଗ୍ରାମ ଘନିପୁରରେ ଚିତ୍ର ସମ୍ପୂର୍ଣ୍ଣ ଓଲଟା। ସାଧାରଣତଃ ଗମନାଗମନ ବ୍ୟବସ୍ଥା ସୁଦୃଢ ହେଲେ ସ୍ଥାନୀୟ ଅଧିବାସୀଙ୍କର ଆର୍ଥିକ, ଶିକ୍ଷାଭିତିକ, ବ୍ୟବସାୟିକ ଭିତ୍ତିଭୂମିର ବିକାଶ ସମ୍ଭବ ହୋଇଥାଏ। କିନ୍ତୁ ଡେଲାଙ୍ଗ ଷ୍ଟେସନ ସନ୍ନିକଟ ଘନିପୁର ଗାଁକୁ ଅଦ୍ୟାବଧି ସମ୍ପୂର୍ଣ୍ଣ ହୋଇପାରିନି ମୁଖ୍ୟ ସଡକକୁ ସଂଯୋଗ ରାସ୍ତା। ଯାହା ଫଳରେ ଅସରାଏ ବର୍ଷା ହେଲେ ଗ୍ରାମର ପ୍ରାୟ ୭୦ରୁ ଉର୍ଦ୍ଧ ଲୋକେ ବଜାରଘାଟ, ଡାକ୍ତରଖାନା ଓ ଛାତ୍ରଛାତ୍ରୀମାନେ ପାଠ ପଢ଼ିବାକୁ ଯିବାଆସିବା ପାଇଁ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେଥିପାଇଁ ଗ୍ରାମର ସମସ୍ତ ବାସିନ୍ଦା ତୃତୀୟ ପର୍ଯ୍ୟାୟ ନିର୍ବାଚନରେ ଭୋଟ ବର୍ଜନ କରିବାପାଇଁ ନିଷ୍ପତି କରିଥିଲେ। କିନ୍ତୁ ମୌଳିକ ଅଧିକାରରୁ ବଞ୍ଚିତ ନରହିବାପାଇଁ ସେମାନଙ୍କ ମଧ୍ୟରୁ ୪ପରିବାର ଭୋଟ ଦେଇଥିବା ବେଳେ ଅନ୍ୟ ୮ପରିବାର ଭୋଟ ଦେଇନଥିବା ଜଣାପଡ଼ିଛି। ବର୍ଷାଦିନେ ଘରୁ ବାହରି ଆସିଲେ ଆଣ୍ଠୁଏ ପଙ୍କରେ ଯିବାଆସିବା କରିବାକୁ ପଡୁଥିବାରୁ ଲୋକେ ପ୍ରଶାସନ ଉପରେ କ୍ଷୋଭ ପ୍ରକାଶ କରିଛନ୍ତି। ମିଳିଥିବା ସୂଚନା ମୁତାବକ ଡେଲାଙ୍ଗ ଷ୍ଟେସନ ବଜାର ଠାରୁ ମାତ୍ର ୧କି.ମି ଦୂର ଡେଲାଙ୍ଗ-ବ୍ରହ୍ମଗିରି ରାସ୍ତାର ପଞ୍ଚୁପଲ୍ଲା ଗ୍ରାମ୍ୟ ଶ୍ମଶାନ ପାର୍ଶ୍ୱରେ ଘନିପୁରକୁ ୭ଶହ ଫୁଟ ବିଶିଷ୍ଟ ସଂଯୋଗ ରାସ୍ତା ରହିଛି। ୨୦୧୮ ମସିହାରେ ଗାଁ ମୁଣ୍ଡରୁ ମୁଖ୍ୟ ସଡକ ଆଡକୁ୧୦୦ ଫୁଟ ପକ୍କା ରାସ୍ତା ନିର୍ମାଣ କରାଯାଇଥିବା ବେଳେ ୨୦୨୨ମସିହାରେ ମୁଖ୍ୟ ସଡକ ପଟୁ ଗାଁ ଆଡକୁ ଆଉ ୧୦୦ ଫୁଟ ପକ୍କା ରାସ୍ତା ନିର୍ମାଣ କରାଯାଇଥିଲା। ମଝିରେ ଥିବା ବଳକା ୪ଶହ ଫୁଟ ମାଟି ରାସ୍ତା ବର୍ଷା ହେଲେ ଯିବାଆସିବା ପାଇଁ କାଳ ସାଜୁଥିବା ଲୋକେ ଅଭିଯୋଗ କରିଛନ୍ତି। ଅନ୍ୟପଟେ ରାସ୍ତା ସମ୍ପୂର୍ଣ୍ଣ ହୋଇନଥିବାରୁ ଜରୁରୀକାଳୀନ ପରିସ୍ଥିତିରେ ଆମ୍ବୁଲାନ୍ସ, ଦମକଳଗାଡି, ବାହାଘର ବେଳେ ୪ଚକିଆ ଯାନଟିଏ ଗାଁ ଭିତରକୁ ଅସିପାରୁନାହିଁ। ଏହି ଗାଁକୁ ପକ୍କା ରାସ୍ତା କେବେ ହେବ ଏବେ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।



୧/୬/୨୦୨୪ (ଶନିବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ

ଟ. ୫,୯୮,୮୨୦/- ସୁନା: ୦୩.୫୫୦ କେଜି ରୁପା: ୮୩.୧୦୦ ଗ୍ରାମ୍



## ସରିଲା ଅନ୍ତିମ ପର୍ଯ୍ୟାୟ ନିର୍ବାଚନ

# ଇଭିଏମ୍‌ରେ ସିଲ୍ ପ୍ରାର୍ଥୀଙ୍କ ଭାଗ୍ୟ







**ପୁରୀ/ନିମାପଡ଼ା, ୧।୬(ସମିସ)**

ଶେଷ ହୋଇଛି ଚତୁର୍ଥ ପର୍ଯ୍ୟାୟ ମତଦାନ। ରାଜ୍ୟର ଏହି ଅନ୍ତିମ ପର୍ଯ୍ୟାୟ ନିର୍ବାଚନରେ ପୁରୀ ଜିଲ୍ଲାର କାକଟପୁର ଏବଂ ନିମାପଡ଼ା ନିର୍ବାଚନମଣ୍ଡଳୀର ଭୋଟର ସେମାନଙ୍କ ମତାଧିକାର ସାବ୍ୟସ୍ତ କରିଛନ୍ତି। ଜଗତ୍‌ସିଂହପୁର ଲୋକସଭା ଅଧୀନରେ ରହିଥିବା ପୁରୀ ଜିଲ୍ଲାର ଏହି ଦୁଇ ବିଧାନସଭା ନିର୍ବାଚନମଣ୍ଡଳୀର ୨୪ ପ୍ରାର୍ଥୀଙ୍କ ଭାଗ୍ୟ ଇଭିଏମ୍‌ରେ ସିଲ୍ ହୋଇଯାଇଛି। ନିମାପଡ଼ାର ୧୩ ଏବଂ କାକଟପୁରର ୧୧ ବିଧାନସଭା ପ୍ରାର୍ଥୀଙ୍କ ରାଜନୈତିକ ଭବିଷ୍ୟତ ଷ୍ଟ୍ରଙ୍ଗରୁମ୍‌ରେ ତାଲା ପଡ଼ିଛି। ଆସନ୍ତା ୪ ତାରିଖରେ ଭୋଟ ଗଣତି ପରେ ସ୍ପଷ୍ଟ ହେବ ଜନମତ। ତେବେ ଶନିବାର ଭୋଟ ଗ୍ରହଣ ସମୟରେ କାଁ ଭାଁ ଇଭିଏମ୍ ଏବଂ ଭିଭିପ୍ୟାଟ୍‌ରେ ତ୍ରୁଟି ଯୋଗୁ ମତଦାନ ବିଳମ୍ବ ହୋଇଥିଲା। ସେମିତି କୌଣସି ବୁଥ୍‌ରେ ବଡ଼ଧରଣର ଗଣ୍ଡଗୋଳର ଖବର ମଧ୍ୟ ନାହିଁ। ଶନିବାର ସକାଳୁ ପ୍ରତ୍ୟେକ ବୁଥ୍‌ରେ ମତଦାନ ଆରମ୍ଭ ହୋଇଥିଲା। ତେବେ କେତେକ ସ୍ଥାନରେ ଭୋଟ ଆରମ୍ଭରୁ ଇଭିଏମ୍ ଏବଂ ଭିଭିପ୍ୟାଟ୍‌ରେ ତ୍ରୁଟି ନିର୍ବାଚନ ପରିଚାଳନା ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ଅଡୁଆରେ ପକାଇଥିଲା। ଫଳରେ ଭୋଟଦାନ ବିଳମ୍ବ ହୋଇଥିଲା। ଏହି ଯାନ୍ତ୍ରିକ ତ୍ରୁଟି ପାଇଁ କେଉଁଠି ଅଧଘଣ୍ଟାଏ ତ ପୁଣି କେଉଁଠି ଘଣ୍ଟାଏ ବିଳମ୍ବରେ ଆରମ୍ଭ ହୋଇଥିଲା ମତଦାନ। ସେହିପରି କେତେକ ବୁଥ୍‌ରେ ଅଧିକ ସଂଖ୍ୟକ ଭୋଟର ଯୋଗୁ ମଧ୍ୟ ମତଦାନ ସରିବାରେ କିଛିଟା ବିଳମ୍ବ ହୋଇଥିଲା। ନିମାପଡ଼ାରେ ୮୦.୧୧ ପ୍ରତିଶତ ମତଦାନ ହୋଇଥିବା ବ୍ଲକ ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। କିନ୍ତୁ କିଛି ବୁଥ୍‌ରୁ ରିପୋର୍ଟ ହସ୍ତଗତ ହୋଇ ନ ଥିବାରୁ ଏଥିରେ ପରିବର୍ତ୍ତନ ହୋଇପାରେ ବୋଲି କୁହାଯାଇଛି।







ମହାରଣା ସେବକମାନେ ଅଖ ପ୍ରସ୍ତୁତ କରୁଛନ୍ତି

## ଗ୍ରାମାଞ୍ଚଳ ବନୀକରଣ ଓ ଜଙ୍ଗଲ ସୁରକ୍ଷା ନେଇ ଆଲୋଚନା

# 'ପ୍ରାକୃତିକ ଜଙ୍ଗଲ ସମ୍ପଦର ସୁରକ୍ଷା ଜରୁରୀ'

**ପୁରୀ, ୧।୬(ସମିସ)**

ପୁରୀ ସୁରକ୍ଷା ପରିଷଦ ଆନୁକୂଲ୍ୟରେ ଚାଲିଥିବା ବିଶ୍ୱ ପରିବେଶ ସୁରକ୍ଷା ସପ୍ତାହର ତୃତୀୟ ଦିବସରେ ବ୍ରହ୍ମଗିରି ରେବଣା ନୂଆଗାଁ ଗ୍ରାମଦେବତୀ ପୀଠ ପରିସରରେ ଗ୍ରାମାଞ୍ଚଳ ବନୀକରଣ ଓ ଜଙ୍ଗଲ ସୁରକ୍ଷା ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ପରିଷଦର କାର୍ଯ୍ୟକାରୀ ସଭାପତି ଲକ୍ଷ୍ମୀ ନାରାୟଣ ପଟ୍ଟନାୟକ ଏଥିରେ ଅଧ୍ୟକ୍ଷତା କରିଥିଲେ। ରାଜଧାନୀ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଡ. ଅଭିମନ୍ୟୁ ଭୂୟାଁ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ ଯେ, ବୃକ୍ଷ ଆମର ପ୍ରକୃତି ମାତା। ବୃକ୍ଷ ବିନା ଜୀବନ ଧାରଣ ଅସମ୍ଭବ। ବୃକ୍ଷର ବିନାଶରେ ଜଳବାୟୁ ପରିବର୍ତ୍ତନ ଘଟି ମନୁଷ୍ୟ ସମାଜର କ୍ଷତି ଘଟାଉଛି। ଏହାକୁ ଆମେ ସମସ୍ତେ ହୃଦୟଙ୍ଗମ କରିସାରିଲେଣି। ଏଥିରୁ ରକ୍ଷା ପାଇବା ପାଇଁ ଦ୍ରୁତ ବନୀକାରଣ ଏବଂ ପ୍ରାକୃତିକ ଜଙ୍ଗଲ ସମ୍ପଦର ସୁରକ୍ଷା ନିତାନ୍ତ ଆବଶ୍ୟକ। ଅନ୍ୟତମ ଅତିଥି ଭାବେ ସାମାଜିକ କର୍ମୀ ବସନ୍ତ କୁମାର ମିଶ୍ର, ଲେଖକ ଯୋଗେଶ୍ୱର ପ୍ରହରାଜ ପ୍ରମୁଖ ଯୋଗଦେଇ କହିଥିଲେ, ମାତ୍ରାଧିକ କଂକ୍ରିଟ ଜଙ୍ଗଲ ସୃଷ୍ଟି, ବହୁତଳ ପ୍ରାସାଦ ନିର୍ମାଣ ଓ ବହୁଳ ପଲିଥିନ ବ୍ୟବହାର ଯୋଗୁ ତାପମାତ୍ରା ଅହେତୁକ ଭାବେ ବୃଦ୍ଧି ପାଉଛି। ଏଥିରୁ ରକ୍ଷା ପାଇବା ପାଇଁ ବୃକ୍ଷରୋପଣ ପରିବର୍ତ୍ତେ ହଜାର ହଜାର ବର୍ଷର ପୁରୁଣା ବୃକ୍ଷକୁ କଟାଯିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ସେହି ଅନୁପାତରେ ବୃକ୍ଷ ରୋପଣର ଆବଶ୍ୟକତା ରହିଛି। ରୂପକ ସ୍ୱାଇଁ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବା ବେଳେ ଏଥିରେ ଉଲ୍ଲାସ ସ୍ୱାଇଁ, ଶିବାନୀ ପ୍ରଧାନ, ମାମାଲି ପ୍ରଧାନ, ରୋଜାଲିନ ସାହୁ, ମଧୁସ୍ମିତା ସେଠୀ, ନିତା ମହାନ୍ତି ପ୍ରମୁଖ ପରିବେଶ ସୁରକ୍ଷା ଉପରେ ନିଜସ୍ୱ ମତ ପୋଷଣ କରିଥିଲେ।

କାର୍ଯ୍ୟକ୍ରମ ଅବସରରେ ବ୍ରହ୍ମଗିରି ବନବିଭାଗ ପକ୍ଷରୁ ୫୦ରୁ ଉର୍ଦ୍ଧ୍ୱ ବିଭିନ୍ନ କିସମର ଚାରା ଗ୍ରାମବାସୀଙ୍କୁ ବଣ୍ଟନ କରାଯାଇଥିଲା। ବେଣୁଧର ପାତ୍ର, ତପନ କୁମାର ସେଠୀ, ସନ୍ଦୀପ କର୍ମକାର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିବା ବେଳେ ସମ୍ପାଦକ ଭାଗବତ ପ୍ରସାଦ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ବେଳାଭୂମି ସଫେଇ, ସଚେତନତା କାର୍ଯ୍ୟକ୍ରମ

**ପୁରୀ, ୧।୬(ସମିସ):** ଅଗ୍ରଣୀ ସ୍ୱେଚ୍ଛାସେବୀ ସଙ୍ଗଠନ ଦି ମିରର ପକ୍ଷରୁ ବେଳାଭୂମି ସଫେଇ ଓ ଜନସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନେଦରଲ୍ୟାଣ୍ଡର ଗାରନିୟର ଓ ବାଙ୍ଗାଲୋରର ପ୍ଲାଷ୍ଟିକ ଫର୍ ଚେଞ୍ଜ ଅନୁଷ୍ଠାନର ସହାୟତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୁରୀ ପୌରସଂସ୍ଥାର କାର୍ଯ୍ୟନିର୍ବାହୀ ଅଧିକାରିଣୀ ପ୍ରଜ୍ଞାଶ୍ରୀ ପ୍ରିୟମ୍ବଦା, ସ୍ୱାସ୍ଥ୍ୟ ଅଧିକାରୀ ଅଶୋକ ମିଶ୍ର, ବିଜୟ କୁମାର ସୁନା, ଶୈଳେଶ କୁମାର ନାଗ, ପ୍ରଦୀପ କୁମାର ପ୍ରଧାନ, ପୂର୍ବତନ ଅଧ୍ୟାପକ ସୁକାନ୍ତ ମହାନ୍ତି, ସୁଶାନ୍ତ କୁମାର ତ୍ରିପାଠୀ, ପ୍ରଦୀପ କୁମାର ମହାରଣା, ସୁକାନ୍ତ କୁମାର ପଣ୍ଡା ଓ ପୁରୀ ସହରରେ ବିଭିନ୍ନ ସାମାଜିକ ସଙ୍ଗଠନର କର୍ମକର୍ତ୍ତା ଓ ସ୍ୱେଚ୍ଛାସେବୀ ଯୋଗଦେଇଥିଲେ। ସକାଳ ୮ଟାରେ ଏହି କାର୍ଯ୍ୟକ୍ରମ ଦିଗ ବାରଣୀ ଖୁଣ୍ଟିଠାରୁ ଆରମ୍ଭ କରାଯାଇଥିଲା। ପ୍ରାରମ୍ଭରେ ଦି ମିରର ସଭାପତି ସଞ୍ଜୟ କୁମାର ପ୍ରଧାନ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହାପରେ ଅତିଥିମାନେ ବେଳାଭୂମି ସଫେଇ ସହିତ ଉଠା ଦୋକାନୀ ଓ ପର୍ଯ୍ୟଟକଙ୍କୁ ବେଳାଭୂମି ଅପରିଷ୍କାର ନ କରିବା ପାଇଁ ନେବେଦନ କରିଥିଲେ। ଏଥିସହିତ ଡଷ୍ଟବିନର ବ୍ୟବହାର ଓ ପ୍ଲାଷ୍ଟିକ ବ୍ୟବହାର କମ୍ କରିବାକୁ ନିବେଦନ କରିଥିଲେ। ଅନ୍ୟମାନଙ୍କୁ ସଚେତନ କରିବା ପୂର୍ବରୁ ଆମେ ନିଜେ ସଚେତନ ହେବା ଆବଶ୍ୟକ ବୋଲି କହିଥିଲେ। ଏଥିରେ ବିଭିନ୍ନ ଅନୁଷ୍ଠାନ ଯଥା ହେଲ୍ ଏଜ୍ ଇଣ୍ଡିଆ, ହାପିନେସ୍ ଫାଉଣ୍ଡେଶନ, ଦି ବେଲ୍, ବିବେକାନନ୍ଦ ଯୁବ ଶକ୍ତି, ଗୋପବନ୍ଧୁ ସେବା ପରିଷଦ, ପିଆଇସିଏସ୍ କମ୍ପ୍ୟୁଟର ସେଣ୍ଟର, ଓଡିଏମ୍‌ପି, ଆଟାର ପ୍ରାୟ ୨୦୦ରୁ ଉର୍ଦ୍ଧ୍ୱ ସ୍ୱେଚ୍ଛାସେବୀ ଦିଗବାରେଣୀ ଖୁଣ୍ଟିଠାରୁ ଚୈତନ୍ୟ ମଠ ପର୍ଯ୍ୟନ୍ତ ବେଳାଭୂମି ସଫେଇ କରିବା ସହିତ ପର୍ଯ୍ୟଟକ ଓ ଦୋକାନୀମାନଙ୍କୁ ସଚେତନ କରାଇଥିଲେ।

# ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷୟିତ୍ରୀଙ୍କ ଅବସର

**ପୁରୀ, ୧।୬(ସମିସ):** ଦଉତୋଟା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ ମିନତୀ କୁମାରୀ ପଟ୍ଟନାୟକଙ୍କ ଅବସରକାଳୀନ ସଭା ପ୍ରଧାନଶିକ୍ଷକ ରାଜକିଶୋର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଯୋଗଦେଇ ଅତିରିକ୍ତ ଶିକ୍ଷା ଅଧିକାରୀ ମମତା ମିଶ୍ର କହିଲେ ଯେ, ଉତ୍ତମ ଛାତ୍ରଛାତ୍ରୀ ସୃଷ୍ଟି କରିବା ଶିକ୍ଷକର ପରିଚୟ। ମୁଖ୍ୟବକ୍ତା ଭାବେ ପୁରୀ ମଣ୍ଡଳ ଶିକ୍ଷା ଅଧିକାରୀ ପ୍ରମୋଦ କୁମାର କର ଯୋଗଦେଇ କହିଥିଲେ ଯେ, ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଶିକ୍ଷୟତ୍ରୀ ଶ୍ରୀମତୀ ପଟ୍ଟନାୟକ କେବଳ ଶିକ୍ଷାଦାନରେ ନୁହେଁ ସାହିତ୍ୟ, ସେବା, ସ୍କାଉଟ ଓ ଗାଇଡ୍ ଇତ୍ୟାଦିରେ ପାରଦର୍ଶିତା ପାଇଁ ଜାତୀୟସ୍ତରରେ ଉଚ୍ଚ ପ୍ରଶଂସିତ ହୋଇ ଆମ ଜିଲ୍ଲା ଏବଂ ରାଜ୍ୟର ଗୌରବମୟ ପୃଷ୍ଠାରେ ନିଜର ନାମ ଲେଖି ପାରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ ସଂଘ ସଭାପତି, ସମ୍ପାଦକ, ବିଦ୍ୟାଳୟ ପରିଚାଳନା ପରିଷଦର ସଭାପତି, ସଦସ୍ୟ ସଦସ୍ୟା, ପୁରାତନ ଛାତ୍ରଛାତ୍ରୀ, ବିଭିନ୍ନ ବିଦ୍ୟାଳୟର ପ୍ରଧାନଶିକ୍ଷକ ଯୋଗଦେଇ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ବିଦ୍ୟାଳୟର ଶିକ୍ଷକ ରାଧାଶ୍ୟାମ ପଟ୍ଟନାୟକ, ବୀଣାପାଣି ସ୍ୱାଇଁ, ଟିକିତାରା ପତ୍ରିକାର ସମ୍ପାଦକ ବିପିନ ବିହାରୀ ଦଳାଇ, ଅଜୟ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ଭାରତ ବିକାଶ ପରିଷଦର ବାଲ୍ ସଂସ୍କାର ଶିବିର

**ପୁରୀ, ୧।୬(ସମିସ):** ଭାରତ ବିକାଶ ପରିଷଦ ଶ୍ରୀଜଗନ୍ନାଥ ଧାମ ଶାଖା ପୁରୀ ତରଫରୁ ପାଞ୍ଚଦିନିଆ ବାଲ୍ ସଂସ୍କାର ଶିବିର ସ୍ଥାନୀୟ ଉତ୍କଳ ବାଳାଶ୍ରମରେ ଉଦ୍‌ଘାଟିତ ହୋଇଛି। ଶିବିରରେ ୧୧୫ ଜଣ ଛାତ୍ରଛାତ୍ରୀ ଯୋଗଦେଇଛନ୍ତି। ଏଥିରେ ଯୋଗଶିକ୍ଷା, ଶ୍ଳୋକ, ପ୍ରାର୍ଥନା, ଚିତ୍ରାଙ୍କନ, ଜଣା ଅଜଣା, ପ୍ରାଥମିକ ଚିକିତ୍ସା, ମହାପୁରୁଷଙ୍କ ଜୀବନୀ ବିଶେଷକରି ସାଂସ୍କୃତିକ ଆଧ୍ୟାତ୍ମିକ ଜୀବନଯାପନ ପ୍ରଣାଳୀ ଶିକ୍ଷା ଦିଆଯିବ ବୋଲି ମହିଳା ସହଭାଗିତା ସଂଯୋଜିକା ଅଧ୍ୟାପିକା ନିର୍ମଳା ସ୍ୱାଇଁ ପ୍ରକାଶ କରିଛନ୍ତି। ମୁଖ୍ୟଅତିଥି ଶିଳ୍ପୋଦ୍ୟୋଗୀ ପୁଷ୍ପା ପତ୍ର, ରାଜକିଶୋର ପାତ୍ର ଏହାକୁ ଉଦ୍‌ଘାଟନ କରିଥିଲେ। ପ୍ରାନ୍ତୀୟ ମହିଳା ସହଭାଗିତା ସମ୍ପାଦକ ସୁପ୍ରିତି ରଥ ମୁଖ୍ୟବକ୍ତା ଭାବେ ଯୋଗଦେଇ ଥିଲେ। ଅତିଥି ଭାବରେ ଶିଶୁ କଲ୍ୟାଣ କମିଟି ଅଧ୍ୟକ୍ଷ ଅଜିତ ମହାପାତ୍ର, ଭାରତ ବିକାଶ ପରିଷଦ ସଭାପତି ଡ. ନାରାୟଣ ଚନ୍ଦ୍ର ଦାଶ, ସଚିବ ସନ୍ତୋଷ କୁମାର ମହାନ୍ତି, ପୂର୍ଣ୍ଣ ଚନ୍ଦ୍ର ଖୁଣ୍ଟିଆ, ସୌମେନ୍ଦ୍ର ଦାସ, ମୀରା ମହାରଣା, ମମତା ପାତ୍ର, ଜୟନ୍ତୀ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ଏହି ଶିବିର ଜୁନ୍ ୨ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ମିଡିଆ ପ୍ରଭାବୀ ଲାଲା ଅନନ୍ତ କୁମାର ସିଂହ ପ୍ରକାଶ କରିଛନ୍ତି।

## ନରେନ୍ଦ୍ର ପୁଷ୍କରିଣୀ ବାଣ ବିସ୍ଫୋରଣ ଘଟଣା; ପରିବାରର ଦୁଃଖ ସରୁନି

# ଆଖି ବୁଜିଲେ ବଡ଼ବାପା-ଝିଆରୀ

**ପୁରୀ, ୧।୬(ସମିସ)**

ନରେନ୍ଦ୍ର ପୁଷ୍କରିଣୀରେ ଭଉଁରି ଯାତ୍ରା ବେଳେ ଘଟିଥିବା ବାଣ ବିସ୍ଫୋରଣ ଘଟଣାର କରୁଣ କାହାଣୀ ସରୁନାହିଁ। ଦିନ ଯେତେ ଗଡୁଛି ମୃତକଙ୍କ ସଂଖ୍ୟା ମଧ୍ୟ ବଢୁଛି। ଗୁରୁବାର ଆଉ ୩ ଜଣଙ୍କ ଜୀବନ ଦୀପ ଲିଭି ଯାଇଛି। ତେବେ ଏହି ବାଣ ବିସ୍ଫୋରଣ ଖଣ୍ଡିଆବନ୍ଧର ଗୋଟିଏ ପରିବାର ଉପରେ ଅଜାଡି

**ପୂର୍ବରୁ ଲିଭିଯାଇଥିଲା ଦାଦା ଓ ଝିଆରୀଙ୍କ ଜୀବନ ଦୀପ**

ଦେଇଛି ଅସରନ୍ତି ଦୁଃଖ। ପରିବାରର ୪ ଜଣ ବାଣ ନିଆଁରେ ପୋଡି ଯାଇଥିବା ବେଳେ ସମସ୍ତଙ୍କର ମୃତ୍ୟୁ ଖବର କେବେଳ ତାଙ୍କ ପରିବାର ନୁହେଁ, ସାହିବାସିନ୍ଦାଙ୍କୁ ବି ହତବାକ୍ କରିଦେଇଛି। ଦଇବ ଏମିତି ବି ଦୁଃଖ ଦେଇପାରେ। ସବୁଠୁ ହୃଦୟବିଦାରକ ଘଟଣା ହେଉଛି ଦୁଇଦିନ ମଧ୍ୟରେ ଗୋଟିଏ ପରିବାରର ୪ ଜଣ ଆଖି ବୁଜିଦେଲେ। ଶୁକ୍ରବାର ଦାଦା, ଝିଆରୀଙ୍କ ମୃତ୍ୟୁ ଘଟିଥିବା ବେଳେ ଶନିବାର ବଡ଼ବାପା ଝିଆରୀଙ୍କ ଜୀବନ ଦୀପ ଲିଭିଯାଇଛି। ପରିବାର ଲୋକଙ୍କ ଏଭଳି ଅବସ୍ଥାକୁ ଦେଖି ଗାଁ ଲୋକଙ୍କ ଆଖିରୁ ବି ଝରିଯାଉଛି ଲୁହ।

ଖଣ୍ଡିଆ ବନ୍ଧର ହେମନ୍ତ ସାହୁ ଓ ତାଙ୍କ ବଡ଼ବାପା ପୁଅ ପ୍ରଶାନ୍ତ ସାହୁ। ଏହି ଦୁଇଜଣ ସେମାନଙ୍କର ୨ ଜଣ ଶିଶୁକନ୍ୟା ପ୍ରଶାନ୍ତଙ୍କ ଝିଅ ସମ୍ରିଦ୍ଧି (୩) ଓ ହେମନ୍ତଙ୍କ ଝିଅ ପ୍ରତୀକ୍ଷା(୬) କୁ ସାଥିରେ ନେଇ ଯାଇଥିଲେ ମହାପ୍ରଭୁଙ୍କ ଭଉଁରୀ ଯାତ୍ରା ଦେଖିବାକୁ। ହେଲେ କିଏ ଜାଣିଥିଲା ସେଠି ଛକି ବସିଛି ମୃତ୍ୟୁ। ବାଣ ବିସ୍ଫୋରଣରେ ସେଦିନ କାଳରାତ୍ରିରେ ପୋଡ଼ି ଯାଇଥିଲେ ସମସ୍ତେ। ସଙ୍କଟାପନ୍ନ ଅବସ୍ଥାରେ ସମସ୍ତଙ୍କୁ ଭୁବନେଶ୍ୱରର ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଶୁକ୍ରବାର ହେମନ୍ତ ଏବଂ ତାଙ୍କ ଝିଆରୀ ସମ୍ରିଦ୍ଧିଙ୍କର ମୃତ୍ୟୁ ଘଟିଥିଲା। ସନ୍ଧ୍ୟାରେ ଦୁଇଜଣଙ୍କ ମରଶରୀର ଖଣ୍ଡିଆବନ୍ଧ ଗାଁରେ ପହଞ୍ଚିବା ପରେ କାନ୍ଦବୋବାଳିରେ ଫାଟି ପଡ଼ିଥିଲା ଗାଁଦାଣ୍ଡ। ସମ୍ରିଦ୍ଧିଙ୍କ ଶବ ଗାଁ ଶ୍ମଶାନରେ ପୋତାଯାଇଥିବା ବେଳେ ହେମନ୍ତଙ୍କ ମୃତଦେହ ସ୍ୱର୍ଗଦ୍ୱାରରେ ଦାହ କରାଯାଇଥିଲା।

ଏହାର ୨୪ ଘଣ୍ଟା ବିତିନି ଶନିବାର ପ୍ରଶାନ୍ତ ଏବଂ ପ୍ରତୀକ୍ଷାଙ୍କର ପରଲୋକ ଖବର ସମସ୍ତଙ୍କୁ ମର୍ମାହତ କରିଛି। ସେହି ପରିବାରର ଅନ୍ୟ ସଦସ୍ୟ ଆଉ କେତେ ବା ସହିବେ ଦୁଃଖ। ସେମାନଙ୍କ ଆଖିରୁ ଲୁହ ଶୁଖୁ ନାହିଁ। ଏଭଳି ସ୍ଥିତିରେ ଶନିବାର ପ୍ରତୀକ୍ଷାଙ୍କ ଶବ ଗାଁ ଶ୍ମଶାନରେ ପୋତା ଯାଇଥିବା ବେଳେ ପ୍ରଶାନ୍ତଙ୍କ ଶବ ସ୍ୱର୍ଗଦ୍ୱାରରେ ସଂସ୍କାର କରାଯାଇଛି।

## ଆହତଙ୍କ ଆଶୁ ଆରୋଗ୍ୟ ପାଇଁ ଦୀପଦାନ

**ପୁରୀ, ୧।୬(ସମିସ):** ନରେନ୍ଦ୍ର ପୁଷ୍କରିଣୀରେ ମହାପ୍ରଭୁଙ୍କ ଭଉଁରି ଯାତ୍ରା ସମୟରେ ହୋଇଥିବା ବାଣ ବିସ୍ଫୋରଣ ଘଟଣାରେ ମୃତକଙ୍କୁ ଶ୍ରଦ୍ଧାଞ୍ଜଳି ଓ ଆହତଙ୍କ ଆଶୁ ଆରୋଗ୍ୟ କାମନା କରି ଶନିବାର ସନ୍ଧ୍ୟାରେ ମାଉସୀ ମା'ଙ୍କ ମନ୍ଦିର ସମ୍ମୁଖରେ 'ପୁରୀ ଫଟୋ ଆଣ୍ଡ ଭିଡିଓ ଟ୍ରେଡର୍ସ ଆସୋସିଏଶନ ତରଫରୁ ସମୂହ ଦୀପଦାନଓ ନୀରବ ପ୍ରାର୍ଥନା କରାଯାଇଛି। ଏଥିରେ ସଂଘ ସଭାପତି ମିଥୁନ ଜେନା, ଉପସଭାପତି ସୁଦିପ୍ତ ମିଶ୍ର, ସମ୍ପାଦକ ସୁକାନ୍ତ ସାହୁ, ସହ ସମ୍ପାଦକ ଅଭିଷେକ ମହାନ୍ତି, କୋଷାଧ୍ୟକ୍ଷ ସୂର୍ଯ୍ୟକାନ୍ତ ସ୍ୱାଇଁ, ପରାମର୍ଶଦାତା ଦେବେନ୍ଦ୍ର ନନ୍ଦ, ଅମିୟ ପଣ୍ଡା, ରଞ୍ଜିତ ପଟ୍ଟନାୟକ, କୃଷ୍ଣଚନ୍ଦ୍ର ଷଡଙ୍ଗୀ, ପ୍ରକାଶ ଦଳାଇ, ନିଳକଣ୍ଠ ସାହୁ, ଜୟଦେବ ପାତ୍ର, ରଞ୍ଜନ ଦାସ ପ୍ରମୁଖ ଉପସ୍ଥିତ ଥିଲେ।ସୂଚନାଥାଉ କି, ବାଣ ବିସ୍ଫୋରଣରେ ଗୁରୁତର ହୋଇ କଟକ ଏସ୍‌ସିବି ମେଡିକାଲରେ ଦିବ୍ୟରଞ୍ଜନ ସାହୁ (୩୫) ଚିକିତ୍ସିତ ହେଉଛନ୍ତି। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ନ ଥିବାବେଳେ ତାଙ୍କର କେହି ଆଟେଣ୍ଡାଣ୍ଟ ନାହାନ୍ତି। ଯେଉଁ ମୋବାଇଲ ନମ୍ବର ପ୍ରେସ୍‌କିପସନରେ ରହିଛି ସେ ନମ୍ବର ରହିଛି ତାହା ଠିକ୍ ନୁହେଁ ବୋଲି ଜଣାପଡ଼ିଛି।

## ଶାନ୍ତି ବଜାୟ ରଖିବାକୁ ପ୍ରୟାସ

# ନିର୍ବାଚନୀ ବିଜୟ ଉତ୍ସବରେ ବାଣ ଓ ଡିଜେକୁ ନା



- ଜିଲ୍ଲା ସାରା ଚାଲିଛି ସଚେତନତା
- ଲୋକଙ୍କ ନିକଟତର ହେଉଛି ପୁଲିସ



ନୟାଗଡ଼/ଗଣିଆ/ଖଣ୍ଡପଡ଼ା, ୧।୬(ସମିସ): ନୟାଗଡ଼ ପୁଲିସ ନିର୍ବାଚନକୁ ଶାନ୍ତିପୂର୍ଣ୍ଣ କରିବା ଏବଂ ଲୋକଙ୍କ ନିକଟତର ହେବାକୁ ଗତ ସପ୍ତାହେ ଧରି ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଉଛି। ନୟାଗଡ଼ ଏସ୍‌ପି ରାହୁଲ ଜୈନଙ୍କ ନିର୍ଦ୍ଦେଶରେ ବିଭିନ୍ନ ଥାନାରେ ଜନସଚେତନତା କାର୍ଯ୍ୟକ୍ରମ ସହ ଶାନ୍ତି ପ୍ରତିଷ୍ଠା ପାଇଁ ଉଦ୍ୟମ କରାଯାଉଛି। ଏହା ସହିତ ବିଭିନ୍ନ ସାମାଜିକ କାର୍ଯ୍ୟ କରି ପୁଲିସ ଲୋକଙ୍କ ନିକଟତର ହେଉଛି। ନୟାଗଡ଼ ନିର୍ବାଚନ ତାତି ଓ ଗ୍ରୀଷ୍ମକାଳୀନ ତାତିରୁ ରକ୍ଷା କରିବା ପାଇଁ ପୁଲିସ ପକ୍ଷରୁ ପ୍ରୟାସ ଚାଲିଛି। ଗ୍ରୀଷ୍ମର ତାତି ସାଧାରଣ ଜନତାଙ୍କୁ ଆଉଟୁ ପାଉଟୁ ହେଉଛନ୍ତି। ଦିନକୁ ଦିନ ନୟାଗଡ଼ର ତାପମାତ୍ରା ବୃଦ୍ଧି ପାଇବାରେ ଲାଗିଛି। ଏହା ମଧ୍ୟରେ ନୟାଗଡ଼ ପୁଲିସ ପକ୍ଷରୁ ଅଭିନବ ପ୍ରୟାସ ଆରମ୍ଭ କରାଯାଇଛି। ନୟାଗଡ଼ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କ ପରାମର୍ଶକ୍ରମେ ଶନିବାର ନୟାଗଡ଼ ବସ୍‌ଷ୍ଟାଣ୍ଡଠାରେ ପୁଲିସ ଅଧିକାରୀମାନେ ଗାଡ଼ି ଚାଳକଙ୍କୁ ବିଭିନ୍ନ ପାନୀୟ ଜଳ ଉପଲବ୍ଧ ସ୍ଥାନରେ ଗାଡ଼ି ରଖିବା ପାଇଁ ପରାମର୍ଶ ଦେଉଛନ୍ତି। ନୟାଗଡ଼ ବସ୍‌ଷ୍ଟାଣ୍ଡଠାରେ ପୁଲିସ ପକ୍ଷରୁ ଗାଡ଼ି ଚଳାଇ ଯାଉଥିବା ଡ୍ରାଇଭରଙ୍କୁ ଓଆରଏସ ଓ ଅଧିକ ପରିମାଣରେ ନିଜ ପାଖରେ ପାଣି ରଖିବା ପାଇଁ ସଚେତନ କରାଉଛନ୍ତି। ଗ୍ରୀଷ୍ମ ପ୍ରବାହରୁ ମୁକ୍ତି ପାଇବା ପାଇଁ ଅଧିକ ପରିମାଣରେ ପାନୀୟ ଜଳ ପିଇବା ପାଇଁ ପରାମର୍ଶ ଦେଉଛନ୍ତି। ସେହିପରି ଭାବେ ସଦରଥାନା ପକ୍ଷରୁ ବିଭିନ୍ନ ସ୍ଥାନରେ ଶାନ୍ତି ବଜାୟ ରଖିବା ପ୍ରୟାସ କରାଯାଇଥିବା ଦେଖାଯାଇଛି। କ୍ରିଦାଶପୁର ପଞ୍ଚାୟତ କୋଡି ଏକାହାଣିଆ ଗ୍ରାମରେ ସଦରଥାନା ଅଧିକାରୀ ଅନିତା ସାହୁଙ୍କ ନେତୃତ୍ୱରେ ଜନସମ୍ପର୍କ କାର୍ଯ୍ୟକ୍ରମ କରାଯାଇଛି। ସେହିଭଳି ଭାବେ ଶୁକ୍ରବାର ରାତିରେ ଏସ୍‌ପି ଗଣିଆ ଥାନା ଅଞ୍ଚଳରେ ପହଞ୍ଚି ବିଜେଡି, ବିଜେପି ଓ କଂଗ୍ରେସ ସମର୍ଥକଙ୍କୁ ନେଇ ଶାନ୍ତି ଆଲୋଚନା କରିଛନ୍ତି। ଏସ୍‌ପି ନିର୍ବାଚନ ପରେ ଗଣିଆ ବ୍ଲକର ସ୍ଥିତି ସମୀକ୍ଷା କରିବା ସହିତ ଗଣିଆ ଥାନା ଅଧିକାରୀ ବିନୟ ରଞ୍ଜନ ପରିଡ଼ାଙ୍କ ସହିତ ଆଲେଚନା କରିଥିଲେ। ଗଣିଆ ଥାନାର ସମ୍ବେଦନଶୀଳ ଗ୍ରାମକୁ ଯାଇ ଲୋକଙ୍କ ପାଖରେ ବସି ନିର୍ବାଚନ ସମ୍ପର୍କୀୟ ବିଷୟରେ ଆଲୋଚନା କରିଥିଲେ। ନିର୍ବାଚନ ସରିବା ପରେ ନିଜ ନିଜ ଭିତରେ ବିଶୃଙ୍ଖଳିତ ନହୋଇ ଶାନ୍ତି ଶୃଙ୍ଖଳାର ସହିତ ଭାଇଚାରା ରକ୍ଷା କରିବାକୁ ଉପଦେଶ ଦେଇଥିଲେ। ଗଣିଆ ଥାନା ଅଧିକାରୀ ବିନୟ ରଞ୍ଜନ ପରିଡ଼ା, ଏସ୍‌ଆଇ ବିରେନ୍ଦ୍ର କୁମାର ଦେହୁରୀ ଓ ପୁଲିସ କର୍ମଚାରୀ ଉପସ୍ଥିତ ଥିଲେ। ସେହିଭଳି ଖଣ୍ଡପଡ଼ା ଥାନା ପକ୍ଷରୁ ବିଭିନ୍ନ ସ୍ଥାନରେ ସଚେତନତା ଅଭିଯାନ ଜାରି ରହିଛି। ଶନିବାର ଅପରାହ୍ନରେ ଥାନା ଅଧିକାରୀ ଜ୍ୟୋତି ପ୍ରକାଶ ସ୍ୱାଇଁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପନ୍ଦରରୁ ଊର୍ଦ୍ଧ୍ୱ ଡିଜେ ମାଲିକ, ବାଣ ଦୋକାନୀ ଏବଂ ଲାଇସେନ୍ସପ୍ରାପ୍ତ ମଦ ଦୋକାନୀଙ୍କୁ ନେଇ ଥାନା ପରିସରରେ ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଶେଷ ଭାବେ ନିର୍ବାଚନ ଫଳାଫଳ ବାହାରିବା ପରେ ବିଭିନ୍ନ ରାଜନୈତିକ ଦଳର ବିଜୟ ଉତ୍ସବ ପାଳନ ସମୟରେ ମାତ୍ରାଧିକ ଡିଜେ ସାଉଣ୍ଡ, ମଦ୍ୟପାନ କରି ବିଶୃଙ୍ଖଳା ଘଟାଇବା, ବାଣ ଫୁଟାଇ ଅନ୍ୟକୁ ଉତ୍ତେଜିତ କରିବା ଭଳି ଘଟଣା ଘଟାଇବାରେ ସହଯୋଗ ନ କରିବା ପାଇଁ ପରାମର୍ଶ ଦିଆଯାଇଛି। କେବଳ ସେତିକି ନୁହେଁ ପୁଲିସର ବିନା ଅନୁମତିରେ ଯିଏ ଡିଜେ ସାଉଣ୍ଡ ବ୍ୟବହାର କରିବେ ତାଙ୍କ ପ୍ରତି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କୁହାଯାଇଛି। ନିର୍ବାଚନ ଆଚରଣ ବିଧି ଉଠିବା ପର୍ଯ୍ୟନ୍ତ ଏହି ନିୟମ ଲାଗୁ ରହିବ ବୋଲି ଥାନା ଅଧିକାରୀ ଶ୍ରୀ ସ୍ୱାଇଁ ସୂଚନା ଦେଇଛନ୍ତି। କଣ୍ଟିଲୋ ଫାଣ୍ଡି ଅଧିକାରୀ ରମେଶ ଚନ୍ଦ୍ର ଜେନା ମଧ୍ୟ କଣ୍ଟିଲୋ ଫାଣ୍ଡିରେ ଏନେଇ ସ୍ଥାନୀୟ ଟେଣ୍ଟ ମାଲିକଙ୍କ ସହିତ ଆଲୋଚନା କରିଥିବା ସୂଚନା ମିଳିଛି।



## ଦୁର୍ଘଟଣାରେ ସ୍ୱାମୀ ମୃତ; ସ୍ତ୍ରୀ ଗୁରୁତର

● ଉତ୍ତ୍ୟକ୍ତ ଲୋକଙ୍କ ରାସ୍ତାରୋକ

ଖଣ୍ଡପଡ଼ା, ୧।୬(ସମିସ): ଓଡ଼ଗାଁ ଥାନା ଅନ୍ତର୍ଗତ ପେଟାପଲ୍ଲୀ ବସ୍‌ଷ୍ଟାଣ୍ଡ ନିକଟରେ ଦୁର୍ଘଟଣା ଘଟି ସ୍ୱାମୀଙ୍କ ମୃତ୍ୟୁ ଘଟିଥିବା ବେଳେ ସ୍ତ୍ରୀ ଗୁରୁତର ହୋଇଛନ୍ତି। ଶନିବାର ଆରଡା ଗ୍ରାମର ପରୀକ୍ଷିତ ପରିଡ଼ା (୪୮) ଏବଂ ସ୍ତ୍ରୀ ସଞ୍ଜୁଲତା ପରିଡ଼ା(୪୩) ସାଇକଲ ଯୋଗେ ନନ୍ଦିଘୋରଠାରେ ଥିବା ମହାମାୟୀଙ୍କ ମନ୍ଦିରକୁ ପୂଜା କରିବା ପାଇଁ ଆସୁଥିଲେ। ସେମାନେ ରାସ୍ତାର ବାମ ପାଖ ଦେଇ ଆସୁଥିବା ବେଳେ ପେଟାପଲ୍ଲୀ ବସ୍‌ଷ୍ଟାଣ୍ଡ ନିକଟରେ ଅପରପାର୍ଶ୍ୱ ଓଡ଼ଗାଁରୁ ଆସୁଥିବା ଏକ ଆଇଚର ଟ୍ରକ୍ ନିୟନ୍ତ୍ରଣ ହରାଇ ସାମ୍ନାରୁ ସାଇକଲ ଯୋଗେ ଆସୁଥିବା ସ୍ୱାମୀ-ସ୍ତ୍ରୀଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ସ୍ୱାମୀ ମୃତ୍ୟୁବରଣ କରିଥିବା ବେଳେ ସ୍ତ୍ରୀ ମଞ୍ଜୁଲତା ଗୁରୁତର ହୋଇ ପଡ଼ିଥିଲେ। ଆମ୍ବୁଲାନ୍ସ ଯୋଗେ ପ୍ରଥମେ ତାଙ୍କୁ ଶରଣକୁଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ତାଙ୍କର ଅବସ୍ଥା ସଙ୍କଟାପନ୍ନ ହେବାରୁ ନୟାଗଡ଼ ଜିଲ୍ଲା ହସ୍ପିଟାଲ ଏବଂ ପରେ ଭୁବନେଶ୍ୱରର ଏକ ଘରୋଇ ହସ୍‌ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଓଡ଼ଗାଁ ପୁଲିସ ଦୁର୍ଘଟଣା ଘଟାଇଥିବା ଟ୍ରକ୍ ଚାଳକ ତଥା ମାଲିକ ଶିବଶଙ୍କର ପ୍ରଧାନଙ୍କୁ ଥାନାକୁ ନେଇ ଆସିଥିଲା। ଫଳରେ ଉପସ୍ଥିତ ଗ୍ରାମବାସୀ ଓ ପୁଲିସ ପ୍ରଶାସନ ମଧ୍ୟରେ ଏହାକୁ ନେଇ ବଚସା ଆରମ୍ଭ ହୋଇଥିଲା। ଗ୍ରାମବାସୀ ମିଳିତ ଭାବେ ରାସ୍ତାରୋକ କରି ଏହାର ପ୍ରତିବାଦ କରିଥିଲେ। ଫଳରେ ଓଡ଼ଗାଁ ଥାନା ଅଧିକାରୀ ରଶ୍ମିରଞ୍ଜନ ସାହୁ ଏକ ପ୍ଲାଟୁନ ପୁଲିସ ଫୋର୍ସଙ୍କ ସହାୟତାରେ ପରିସ୍ଥିତି ନିୟନ୍ତ୍ରଣକୁ ଆଣିଥିଲେ। ଏହାର ଉଚିତ୍ ସମାଧାନ ନିମନ୍ତେ ୧୫ଜଣ ଗ୍ରାମବାସୀ ଓ ଆରଡା ଗ୍ରାମ ପଞ୍ଚାୟତ ସରପଞ୍ଚ ପ୍ରତିନିଧି ସୁରେନ୍ଦ୍ର କୁମାର ଦୋରା ପ୍ରମୁଖ ଓଡ଼ଗାଁ ଥାନାରେ ପହଁଞ୍ଚି ନିଷ୍ପତ୍ତି ନେବା ପାଇଁ ସ୍ଥିର ହେବା ପରେ ରାସ୍ତା ଅବରୋଧ ସମ୍ପୂର୍ଣ୍ଣ ଭାବେ ହଟିଥିଲା। ପରୀକ୍ଷିତ ପେଶାରେ ଜଣେ ରାଜମିସ୍ତ୍ରୀ ହୋଇଥିବା ବେଳେ ତାଙ୍କର ଏକ ମାତ୍ର ପୁଅ ଚେନ୍ନାଇର ଏକ ଘରୋଇ କମ୍ପାନୀରେ କାର୍ଯ୍ୟରତ। ଦୁର୍ଘଟଣା ବାବଦ କ୍ଷତିପୂରଣ ନିମନ୍ତେ ଓଡ଼ଗାଁ ଥାନାଠାରେ ସରପଞ୍ଚ ପ୍ରତିନିଧି ଓ ଭଦ୍ରଲୋକଙ୍କ ସହ ଆଲୋଚନା ଚାଲିଥିବା ବେଳେ ଗ୍ରାମବାସୀ ୧୬ ଲକ୍ଷ ଟଙ୍କା ପାଇଁ ଦାବି ରଖିଥିବା ସୂଚନା ମିଳିଛି। ଖବର ଲେଖାଯିବା ପର୍ଯ୍ୟନ୍ତ ଏନେଇ କୌଣସି ନିଷ୍ପତ୍ତି ହୋଇପାରି ନାହିଁ। ଏଥିସହିତ ନୟାଗଡ଼ଠାରେ ପରୀକ୍ଷିତଙ୍କ ମୃତଦେହ ବ୍ୟବଚ୍ଛେଦ ହେବ ବୋଲି ଜଣାପଡ଼ିଛି।




## ବିଶ୍ୱଶାନ୍ତି ମହାଯଜ୍ଞ ଓ ବେଦ ପ୍ରବଚନ

ନୟାଗଡ଼, ୧।୬(ସମିସ): ନୟାଗଡ଼ ପୁରୁଣା ସହରସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ପୁରୁଣା ସହରବାସୀଙ୍କ ପକ୍ଷରୁ ବିଶ୍ୱଶାନ୍ତି ମହାଯଜ୍ଞ ଓ ବେଦ ପ୍ରବଚନ କାର୍ଯ୍ୟକ୍ରମ ତିନିଦିନ ଧରି ଅନୁଷ୍ଠିତ ହେଉଅଛି। ଏଥିରେ ପ୍ରବଚକ ଭାବେ ଶୃତିନ୍ୟାସ, ଓଡ଼ିଶାର ଅଧ୍ୟକ୍ଷ ପୂଜ୍ୟ ସ୍ୱାମୀ ସୁଧାନନ୍ଦ ସରସ୍ୱତୀ ଯୋଗଦାନ କରି ବେଦ ଉପନିଷଦ ଉପରେ ଉପସ୍ଥିତ ଜନସାଧାରଣଙ୍କୁ ମାର୍ଗଦର୍ଶନ କରିଥିଲେ। ଗତକାଲିଠାରୁ ତିନିଦିନ ପ୍ରତ୍ୟହ ସନ୍ଧ୍ୟା ୭ଟାରୁ ୯ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହେଉଥିବା ଏହି ପ୍ରବଚନ କାର୍ଯ୍ୟକ୍ରମରେ ସହରର ଶତାଧିକ ଜନସାଧାରଣ ଯୋଗଦାନ କରି ବେଦ ଉପନିଷଦ ସମ୍ପର୍କରେ ଜ୍ଞାନ ଆହରଣ କରୁଛନ୍ତି। ସମାଜସେବୀ ଲକ୍ଷ୍ମୀଧର ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ବଳରାମ ସାହୁ ପଠାଣି ସାମନ୍ତ ମହାବିଦ୍ୟାଳୟର ନୂତନ ଅଧ୍ୟକ୍ଷ

ଖଣ୍ଡପଡ଼ା, ୧।୬(ସମିସ): ଖଣ୍ଡପଡ଼ା ପଠାଣି ସାମନ୍ତ ମହାବିଦ୍ୟାଳୟର ପ୍ରାଣୀ ବିଜ୍ଞାନ ଅଧ୍ୟାପକ ବଳରାମ ସାହୁ ମହାବିଦ୍ୟାଳୟର ନୂତନ ଅଧ୍ୟକ୍ଷ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଶ୍ରୀସାହୁଙ୍କୁ ପୂର୍ବତନ ଅଧ୍ୟକ୍ଷ ତଥା ସମ୍ପାଦକ ବିରଞ୍ଚି ନାରାୟଣ ଶତପଥୀ ଅଧ୍ୟକ୍ଷ ଦାୟିତ୍ୱ ହସ୍ତାନ୍ତର କରିବା ସହିତ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରି ଅଭିନନ୍ଦନ ଜଣାଇଥିଲେ। ଅଧ୍ୟକ୍ଷ ଦାୟିତ୍ୱ ହସ୍ତାନ୍ତର ପୂର୍ବରୁ ବିଦାୟୀ ଅଧ୍ୟକ୍ଷଙ୍କ ପାଇଁ ମହାବିଦ୍ୟାଳୟ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀଙ୍କ ତରଫରୁ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଆୟୋଜନ କରାଯାଇଥିଲା। ସଭାରେ ବଳରାମ ସାହୁ ସଭାପତି ଆସନ ଗ୍ରହଣ କରି ସଭା ପରିଚାଳନା କରିଥିଲେ। ମହାବିଦ୍ୟାଳୟର ପ୍ରାକ୍ତନ ଇଂରାଜୀ ବିଭାଗର ମୁଖ୍ୟ ଜଗଦୀଶ ପ୍ରସାଦ ମହାପାତ୍ର ଓ ଶ୍ରୀ ଶତପଥୀଙ୍କ ଜ୍ୟୋଷ୍ଠ ଭ୍ରାତା ରବିନାରାୟଣ ଶତପଥୀ ବିଦାୟୀ ଅଧ୍ୟକ୍ଷଙ୍କ କାର୍ଯ୍ୟଶୈଳୀ, ଛାତ୍ରଛାତ୍ରୀଙ୍କ ପ୍ରତି ସ୍ନେହ ଓ ପ୍ରଶାସନିକ ଦକ୍ଷତାକୁ ଉଚ୍ଚପ୍ରଶଂସା କରିଥିଲେ। ସଂସ୍କୃତ ବିଭାଗର ମୁଖ୍ୟ ଡା. ରବୀନ୍ଦ୍ର କୁମାର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।



## ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଭାପୁର, ୧।୬(ସମିସ): ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ଭଗବାନପୁର ପଞ୍ଚାୟତ ଓଳାଶ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଦୟାନିଧି ବରାଡଙ୍କୁ ଶୁକ୍ରବାର ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ବିଦ୍ୟାଳୟ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ବୈଦ୍ୟନାଥ ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ବ୍ଲକ ଶିକ୍ଷା ଅଧିକାର ଶଙ୍କର୍ଷଣ ଷଡ଼ଙ୍ଗୀ, ସମ୍ମାନିତ ଅତିଥି ଭାବେ ପୂର୍ବତନ ଶିକ୍ଷା ଅଧିକାର ସୁମନ୍ତ କୁମାର ସାହୁ, ହରିହର ସାହୁ, ଏବିଓ ବସନ୍ତ କୁମାର ସାହୁ, ପୂର୍ବତନ ସ୍କୁଲ ଏସଆଇ ଗଙ୍ଗାଧର ପଣ୍ଡା, ଜିଲ୍ଲା ପରିଷଦ ସଭ୍ୟ ବିଜୟ କୁମାର ସାମନ୍ତରାୟ, ପୂର୍ବତନ ସାମରିକ ଅଧିକାରୀ ଭାରତ ଚନ୍ଦ୍ର ଦଳବେହେରା, ଶିକ୍ଷକ ନେତା ପ୍ରଫୁଲ୍ଲ ନନ୍ଦ, ପ୍ରସନ୍ନ ଲେଙ୍କା, ସୁରେଶ ମହାରଣା, ବିଦ୍ୟାଳୟ ପରିଚାଳନା କମିଟି ଏ ସଭାପତି ବିଜୟ କୁମାର ବାରିକ ଉପସ୍ଥିତ ଥିଲେ। ସମସ୍ତେ ବିଦାୟୀ ଶିକ୍ଷକଙ୍କ ଗୁଣଗାନ କରିଥିଲେ।

## ଉପବିଭାଗ ଅଧିକାରୀଙ୍କ ଅବସର

ନୟାଗଡ଼, ୧।୬(ସମିସ): ନୟାଗଡ଼ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ ଉପବିଭାଗ ଅଧିକାରୀ ନାରାୟଣ କୁମାର ବେହେରା ଅବସର ଗ୍ରହଣ କରିଛନ୍ତି। ଏହି ଉପଲକ୍ଷେ ଏକ ଅବସରକାଳୀନ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଡା. ପ୍ରଶାନ୍ତ କୁମାର ମିଶ୍ର ସଭାପତିତ୍ୱ କରିଥିଲେ। କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ସମସ୍ତ କର୍ମଚାରୀ ଶ୍ରୀ ବେହେରାଙ୍କ ଦୀର୍ଘ ୩୬ ବର୍ଷର ସେବା ମଧ୍ୟରୁ ୨୮ ବର୍ଷ ନୟାଗଡ଼ରେ ଅତିବାହିତ ହୋଇଥିବାରୁ ଭାବବିହ୍ୱଳ ହୋଇ ତାଙ୍କର ସୁସ୍ଥ ଓ ନିରାମୟ ଜୀବନ କାମନା କରିଥିଲେ।

## ସ୍ତ୍ରୀ ହତ୍ୟା ଘଟଣାରେ ସ୍ୱାମୀ ଗିରଫ

ନୟାଗଡ଼, ୧।୬(ସମିସ): ନୟାଗଡ଼ ଜିଲ୍ଲା ଇଟାମାଟି ଥାନା ଅନ୍ତର୍ଗତ ଚମ୍ପତିପୁର ଗାଁରେ ଶିକ୍ଷୟିତ୍ରୀଙ୍କୁ ହତ୍ୟା ଘଟଣାରେ ଇଟାମାଟି ପୁଲିସ ଅଭିଯୁକ୍ତ ସ୍ୱାମୀକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ଚମ୍ପତିପୁର ଗାଁର ନାରାୟଣ ସ୍ୱାଇଁଙ୍କ ପୁଅ ତପନ କୁମାର ସ୍ୱାଇଁ। ମୃତକ ହେଲେ ନୟାଗଡ଼ ଜିଲ୍ଲା ଓଡ଼ଗାଁ ଆଦର୍ଶ ବିଦ୍ୟାଳୟର ଶିକ୍ଷୟିତ୍ରୀ ପଦ୍ମିନୀ ପ୍ରଧାନ।

ଓଡ଼ଗାଁ ଥାନା ଅନ୍ତର୍ଗତ ଗୋଡ଼ିପାଟଣା ଗାଁର ରାଜୀବ ପ୍ରଧାନଙ୍କ ଝିଅ ପଦ୍ମିନୀ ପ୍ରଧାନଙ୍କୁ ନୟାଗଡ଼ ଜିଲ୍ଲା ଇଟାମାଟି ଥାନା ଅନ୍ତର୍ଗତ ଚମ୍ପତିପୁର ଗ୍ରାମର ନାରାୟଣ ସ୍ୱାଇଁଙ୍କ ପୁଅ ତପନ କୁମାର ସ୍ୱାଇଁଙ୍କୁ ବିବାହ କରିଥିଲେ। ୯ ବର୍ଷ ତଳେ ବୈଦିକ ରୀତିରେ ଉଭୟଙ୍କ ବିବାହ ହୋଇଥିବା ବେଳେ ୩ ବର୍ଷର ପୁଅଟିଏ ରହିଛି। ତପନ ଇଟାମାଟି ମହାବିଦ୍ୟାଳୟରେ ଡାଟା ଏଣ୍ଟ୍ରି ଅପରେଟର ଭାବେ କାର୍ଯ୍ୟ କରୁଥିବା ବେଳେ ପଦ୍ମିନୀ ଓଡ଼ଗାଁ ଆଦର୍ଶ ସ୍କୁଲରେ ଶିକ୍ଷକତା କରୁଥିଲେ। ଗ୍ରୀଷ୍ମକାଳୀନ ଛୁଟି ଏବଂ ଆଗକୁ ସାବିତ୍ରୀ ବ୍ରତ ଥିବାରୁ ପଦ୍ମିନୀ ନିଜ ଶାଶୂଘର ଚମ୍ପତିପୁରକୁ ଆସିଥିଲେ। କନ୍ୟା ପକ୍ଷର ଅଭିଯୋଗ ମୁତାବକ, ପଦ୍ମିନୀଙ୍କୁ ସ୍ୱାମୀ ତପନ ଏକ ହାଇୱା ଗାଡ଼ି କିଣିବା ପାଇଁ ଟଙ୍କା ମାଗିଥିଲେ। ଟଙ୍କା ଦେବା ନେବାକୁ ନେଇ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ସ୍ୱାମୀ, ଦିଅର ବିଷ୍ଣୁ ପ୍ରସାଦ ସ୍ୱାଇଁ ଏବଂ ଶ୍ୱଶୁର ମିଳିମିଶି ମାଡ଼ ମାରିଥିବାରୁ ତାଙ୍କର ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ପଦ୍ମିନୀ ମୃତ୍ୟୁବରଣ କଲାପରେ ତାଙ୍କୁ ଫ୍ୟାନରେ ଝୁଲାଇ ଦିଆଯାଇଥିଲା। ପଦ୍ମିନୀଙ୍କ ୩ ବର୍ଷର ପୁଅ ମା' ମୃତ୍ୟୁ ଉପରୁ ରହସ୍ୟ ଖୋଲିଥିଲା। ବାପା ଓ ଦାଦା ମିଶି କିଭଳି ମାଆକୁ ମାଡ଼ ମାରି ହତ୍ୟା କରିଛନ୍ତି, ତାହା ସେ ସୂଚନା ଦେଇଥିଲା। ପଦ୍ମିନୀଙ୍କ ବାପା



ରାଜୀବ ପ୍ରଧାନଙ୍କ ଅଭିଯୋଗ ଆଧାରରେ ଇଟାମାଟି ପୁଲିସ ଯୌତୁକ ଜନିତ ହତ୍ୟା ମାମଲା ରୁଜୁ କରିବା ସହ ଅଭିଯୁକ୍ତକୁ ଗିରଫ କରିଛି। ଆଜି ତପନକୁ କୋର୍ଟ ଚାଲାଣ କରାଯାଇଥିବା ଇଟାମାଟି ଥାନା ଅଧିକାରୀ ଦିଲ୍ଲୀପ କୁମାର ସ୍ୱାଇଁ ସୂଚନା ଦେଇଛନ୍ତି। ଘଟଣାର ତଦନ୍ତ ଚାଲୁ ରହିଛି। ଏହି ଘଟଣାରେ ଶଶୁର ନାରାୟଣ ସ୍ୱାଇଁ ଏବଂ ଦିଅର ବିଷ୍ଣୁପ୍ରସାଦ ସ୍ୱାଇଁଙ୍କ ନାମରେ ମାମଲା ରୁଜୁ ହୋଇଛି।

## ୨୫ ମାମଲା, ୧୨ ଗିରଫ, ୧୩ ଜଣଙ୍କୁ ନୋଟିସ

# ଗୋଟିଏ ଦିନରେ ୫୩୫ ଲିଟର ମଦ ଜବତ

ନୟାଗଡ଼, ୧।୬(ସମିସ): ନୟାଗଡ଼ ପୁଲିସ ପକ୍ଷରୁ ନିର୍ବାଚନକୁ ଶାନ୍ତ, ନିରପେକ୍ଷ, ଅବାଧ ଓ ହିଂସାମୁକ୍ତ ରଖିବା ପାଇଁ ବିଭିନ୍ନ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ନୟାଗଡ଼ ଆରକ୍ଷୀ ଅଧୀକ୍ଷକ ରାହୁଲ ଜୈନଙ୍କ ନିର୍ଦ୍ଦେଶକ୍ରମରେ ଗୋଟିଏ ଦିନରେ ନୟାଗଡ଼ ପୁଲିସ ୫୩୫ ଲିଟର ମଦ ଜବତ କରିଛି। ସ୍ୱତନ୍ତ୍ର ଅବକାରୀ ଅଭିଯାନ ମାଧ୍ୟମରେ ନୟାଗଡ଼ ଜିଲ୍ଲାରେ ୧୩ଟି ଥାନାରେ ମୋଟ ୨୫ଟି ଅବକାରୀ ମାମଲା ରୁଜୁ ହୋଇଛି। ୫୩୫ ଲିଟର ଦେଶୀ ଓ ବିଦେଶୀ ମଦ ଜବତ କରାଯାଇଥିବା ବେଳେ ୧୨ ଜଣ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏହା ସହିତ ୧୩ ଜଣଙ୍କୁ ୪୧ ନୋଟିସ ଜାରି କରାଯାଇଛି। ନୟାଗଡ଼ ଜିଲ୍ଲାର ଫତେଗଡ଼ ଥାନାରେ ଦୁଇଟି ମାମଲା ରୁଜୁ ହୋଇଥିବା ବେଳେ ଦୁଇ ଜଣଙ୍କୁ ଗିରଫ କରାଯାଇ ୮୫ ଲିଟର ମଦ ଜବତ କରାଯାଇଛି। ଖଣ୍ଡପଡ଼ା ଥାନାରେ ଗୋଟିଏ ମାମଲା ରୁଜୁ କରାଯାଇ ଜଣଙ୍କୁ ଗିରଫ କରାଯାଇ ୬୦ ଲିଟର ମଦ ଜବତ କରାଯାଇଛି। ରଣପୁର ଥାନାରେ ୩ ଗୋଟି ମାମଲା ରୁଜୁ କରାଯାଇ ଜଣଙ୍କୁ ଗିରଫ କରାଯିବା ସହ ଦୁଇ ଜଣଙ୍କୁ ୪୧ ନୋଟିସ ଦିଆଯାଇ ୫୫ ଲିଟର ମଦ ଜବତ କରାଯାଇଛି। ବାଣିଗୋଛା ଥାନାରେ ଦୁଇଟି ମାମଲା ରୁଜୁ କରାଯାଇ ଜଣଙ୍କୁ ଗିରଫ କରାଯାଇଥିବା ବେଳେ ଜଣଙ୍କୁ ୪୧ ନୋଟିସ ଦିଆଯାଇଛି। ବାଣିଗୋଛା ପୁଲିସ ୫୨ ଲିଟର ମଦ ଜବତ କରିଛି। ନୟାଗଡ଼ ଟାଉନ ଥାନା ପକ୍ଷରୁ ଦୁଇଟି ମାମଲା ରୁଜୁ କରାଯାଇ ଦୁଇ ଜଣଙ୍କୁ ଗିରଫ କରାଯାଇଛି। ଏଥି ସହିତ ୪୮ ଲିଟର ମଦ ଜବତ କରାଯାଇଛି। ଗଣିଆ ଥାନା ପକ୍ଷରୁ ଦୁଇଟି ମାମଲା ରୁଜୁ କରାଯାଇ ଦୁଇ ଜଣଙ୍କୁ ଗିରଫ କରାଯାଇଛି। ଗଣିଆ ପୁଲିସ ୪୪ ଲିଟର ମଦ ଜବତ କରିଛି। ଶରଣକୁଳ ଥାନା ପକ୍ଷରୁ ଦୁଇଟି ମାମଲା ରୁଜୁ କରାଯାଇ ଦୁଇ ଜଣଙ୍କୁ ନୋଟିସ ଦିଆଯାଇ ୨୨ ଲିଟର ମଦ ଜବତ କରାଯାଇଛି। ଓଡ଼ଗାଁ ଥାନା ପକ୍ଷରୁ ଦୁଇଟି ମାମଲା ରୁଜୁ କରାଯାଇ ଦୁଇ ଜଣଙ୍କୁ ଗିରଫ କରାଯାଇଛି। ଓଡ଼ଗାଁ ପୁଲିସ ୪୦ ଲିଟର ମଦ ଜବତ କରିଛି। ନୟାଗଡ଼ ସଦରଥାନା ପକ୍ଷରୁ ଦୁଇଟି ମାମଲା ରୁଜୁ କରାଯାଇ ଦୁଇ ଜଣଙ୍କୁ ନୋଟିସ ଦିଆଯାଇ ୧୮ ଲିଟର ମଦ ଜବତ କରାଯାଇଛି। ଇଟାମାଟି ଥାନା ପକ୍ଷରୁ ଗୋଟିଏ ମାମଲା ରୁଜୁ କରାଯାଇ ଜଣଙ୍କୁ ଗିରଫ କରାଯାଇ ୨୪ ଲିଟର ମଦ ଜବତ କରାଯାଇଛି। ନୂଆଗାଁ ଥାନା ପକ୍ଷରୁ ଦୁଇ ଗୋଟି ମାମଲା ରୁଜୁ କରାଯାଇ ଦୁଇ ଜଣଙ୍କୁ ନୋଟିସ ଦିଆଯାଇ ୩୫ ଲିଟର ମଦ ଜବତ କରାଯାଇଛି। ଦଶପଲ୍ଲା ଥାନା ପକ୍ଷରୁ ୩ଟି ମାମଲା ରୁଜୁ କରାଯାଇ ୩ ଜଣଙ୍କୁ ନୋଟିସ ଦିଆଯାଇ ୩୫ ଲିଟର ମଦ ଜବତ କରାଯାଇଛି। ସେହିପରି ଭାବେ ଚାନ୍ଦପୁର ଥାନା ପକ୍ଷରୁ ଗୋଟିଏ ମାମଲା ରୁଜୁ କରାଯାଇ ଜଣଙ୍କୁ ନୋଟିସ ଦିଆଯାଇ ୧୪ ଲିଟର ମଦ ଜବତ କରାଯାଇଛି। ଗୋଟିଏ ଦିନରେ ନୟାଗଡ଼ ପୁଲିସର ଏଭଳି ପଦକ୍ଷେପ ଚର୍ଚ୍ଚାର ବିଷୟ ପାଲଟିଛି।







# ଶ୍ରୀରଙ୍ଗନାଥ ଦେବଙ୍କ ଭିତର ଚନ୍ଦନ ଉତ୍ସବ ଆରମ୍ଭ



**ବାଣପୁର, ୧।୬(ସମିସ);** ଜଗନ୍ନାଥ ସଂସ୍କୃତି ପରମ୍ପରା ଅନୁଯାଇ ଦେବଦେବୀ ମାନଙ୍କ ଉପସମ ପାଇଁ ଚନ୍ଦନ ଲାଗି କରିବା ସହ ଜଳକ୍ରୀଡ଼ା କରାଯାଇଥିଲା। ଏହି ପରିପେକ୍ଷିରେ ଅକ୍ଷୟ ତୃତୀୟା ତିଥି ଠାରୁ ଠାକୁରମାନଙ୍କୁ ଚନ୍ଦନ ଲାଗି କରାଯାଇଆସୁଥିଲା। ଭଗବତୀ କ୍ଷେତ୍ର ବାଣପୁରର ଇଷ୍ଟଦେବ ଶ୍ରୀରଙ୍ଗନାଥ ଦେବଙ୍କ ପବିତ୍ର ଅକ୍ଷୟ ତୃତୀୟା ଠାରୁ ଦୈନଦିନ ସନ୍ଧ୍ୟାରେ ବାହାର ଚନ୍ଦନ ପାଣି କୁଣ୍ଡରେ ସ୍ନାନ କରାଇ ଚନ୍ଦନ ଲାଗି ବେଶ ଅନୁଷ୍ଠିତ ହୋଇଆସୁଥିଲା। ଗୁରୁବାର ଦିନ ବାଣପୁରର ଇଷ୍ଟଦେବୀ ମା' ଭଗବତୀ, ପିତା ଦକ୍ଷପ୍ରଜାପତିଙ୍କ ସହ ଶ୍ରୀ ରଙ୍ଗନାଥ ଦେବ ସ୍ଥାନୀୟ ଗୋପାଳପୁର ଶାସନ ଯାଇ ଭଉଁରିରେ ଜଳକ୍ରୀଡ଼ା କରି ପ୍ରତ୍ୟବର୍ତ୍ତନ କରିଥିଲେ। ଶୁକ୍ରବାର ଠାରୁ ଶ୍ରୀରଙ୍ଗନାଥଙ୍କର ଭିତର ଚନ୍ଦନ ଆରମ୍ଭ ହୋଇଛି। ଏହି ପରିପେକ୍ଷିରେ ଦୈନ୍ୟଦିନ ଭୋର ସମୟରୁ ମହାପ୍ରଭୁଙ୍କ ଦ୍ୱାର ଫିଟା, ମଙ୍ଗଳାର୍ପଣ ଓ ଅବକାଶ ନୀତି ପରେ ଦ୍ୱାରପାଳ ପୂଜା, ସ୍ୱର୍ଯ୍ୟପୂଜା, ଗୋପାଳ ବଲ୍ଲଭ ଓ ଶ୍ରୀଜିଉମାନଙ୍କ ମଧ୍ୟହ୍ନ ଧୂପ ପରେ ଭିତର ଚନ୍ଦନ ପାଣି କୁଣ୍ଡରେ ସଂଧ୍ୟା ପର୍ଯ୍ୟନ୍ତ ସ୍ନାନ କରାଇ ଭିତର ଚନ୍ଦନ ଭୋଗ ଲାଗି ପରେ ପ୍ରଭୁମାନେ ପବନ ଖାଇବା ପାଇଁ ବୁଲିଆସି ଝୁଲଣ ଦୋଳିରେ ଝୁଲିବା ପରେ ମନ୍ଦିର ପ୍ରବେଶ କରିଥାନ୍ତି। ଝୁଲଣ ଦୋଳିରେ ଶ୍ରୀଜିଉ ମାନେ ଝୁଲୁଥିବା ବେଳେ ଦର୍ଶନ ଲାଗି ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଉଛି। ୨୧ଦିନ ବ୍ୟାପି ଯଥା ଦେବସ୍ନାନ ପୂର୍ଣ୍ଣିମା ପର୍ଯ୍ୟନ୍ତ ଭିତର ଚନ୍ଦନ କାର୍ଯ୍ୟକ୍ରମ ହେବ। ପୂଜକ ସତ୍ୟଶିବ ତ୍ରିପାଠୀ ଶ୍ରୀଜୀଉ ମାନଙ୍କ ନୀତିକାନ୍ତ କରୁଥିବାସ୍ଥଳେ ମନ୍ଦିର ପରିଚାଳନା କମିଟି ତରଫରୁ ପରିଚାଳନା କମିଟିର ସଦସ୍ୟ ଦେବଦତ୍ତ ପାଣି, ପଦ୍ମଚରଣ ମହାପାତ୍ର, ଦାସରଥି ସାହୁ, ସୋମନାଥ ହୋତା, ବାଳମୁକୁନ୍ଦ ଦାସ ପ୍ରମୁଖ ଶାନ୍ତି ଶୃଙ୍ଖଳାର ସହ କାର୍ଯ୍ୟକ୍ରମକୁ ସୁପରିଚାଳନା କରୁଛନ୍ତି।

# ସରିଲା ନିର୍ବାଚନ; ଥମିନି ମାହୋଲ

## କିଏ ପିନ୍ଧିବ ବିଜୟ ମୁକୁଟ ଚାଲିଛି ଅଙ୍କକଷା | ବିଜୟ ଉତ୍ସବ ଲାଗି ଦିଆଗଲାଣି ଅଗ୍ରୀମ

**ଖୋର୍ଦ୍ଧା, ୧।୬(ସମିସ)**

ତୃତୀୟ ପର୍ଯ୍ୟାୟ ନିର୍ବାଚନ ଗତ ୨୫ତାରିଖରୁ ସରିଲାଣି। ଏଥିରେ ଜିଲ୍ଲାର ୮ଟି ବିଧାନସଭା ଓ ଭୁବନେଶ୍ୱର ଲୋକସଭା ପାଇଁ ମତଦାନ ହୋଇଛି। ତଥାପି ଏଯାଏଁ ଥମିନି ନିର୍ବାଚନୀ ମାହୋଲ। ଆସନ୍ତା ୪ ତାରିଖରେ ଭୋଟ ଗଣତି ହେବ। ସେହିଦିନ ହିଁ ଫଳାଫଳ ପ୍ରକାଶ ପାଇବ। ଏହାସତ୍ୱେ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ଫଳାଫଳକୁ ନେଇ ସମୀକ୍ଷା ଉପରେ ସମୀକ୍ଷା ଚାଲିଛି। ରାଜନୈତିକ ସମୀକ୍ଷକମାନେ ମଧ୍ୟ ଫଳାଫଳକୁ ନେଇ ନିଜର ମତ ରଖୁଛନ୍ତି। ଏଥିସହିତ ବିଭିନ୍ନ ବଜାର, ଚା ଓ ପାନ ଦୋକାନ ପ୍ରଭୃତିରେ କିଏ ଜିତିବ ଆଉ କିଏ ହାରିବ ସେ ନେଇ ଆଲୋଚନା ଜୋରଧରୁଛି। କେତେକ ସ୍ଥାନରେ କର୍ମୀ ଓ ଜନତା ଫଳାଫଳକୁ ନେଇ ନିଜର ଦୃଢୋକ୍ତି ପ୍ରକାଶ କରୁଥିବାବେଳେ ଅପରପକ୍ଷ ସହ ଚ୍ୟାଲେଞ୍ଜ ମଧ୍ୟ ପକାଉଥିବା ଦେଖାଯାଇଛି। ଭୁବନେଶ୍ୱର ଲୋକସଭା ଆସନରେ ୧୨, ଖୋର୍ଦ୍ଧା ବିଧାନସଭା ଆସନରେ ୧୦, ଜୟଦେବ ନିର୍ବାଚନ ମଣ୍ଡଳୀରେ ୮, ଭୁବନେଶ୍ୱର (ମଧ୍ୟ)ରେ ୧୩, ଭୁବନେଶ୍ୱର (ଉତ୍ତର)ରେ ୧୨, ଏକାମ୍ରରେ ୧୨, ଜଟଣୀରେ ୯, ବେଗୁନିଆରେ ୧୧ ଓ ଚିଲିକାରେ ୧୦ଜଣ ପ୍ରାର୍ଥୀ ରହିଛନ୍ତି।

କିଛି ରାଜନୈତିକ ଦଳ ଓ ରାଜନୈତିକ ସମୀକ୍ଷକଙ୍କ ମତରେ ଜିଲ୍ଲାର ସମସ୍ତ ଆସନରେ ଦ୍ୱିମୁଖୀ ପ୍ରତିଦ୍ୱନ୍ଦିତା ହୋଇଛି। ଦଳୀୟ ନେତାଙ୍କ ସହ ଦଳର ମୁଖିଆଙ୍କ ନାଁରେ ହିଁ ଲୋକମାନେ ଏଥର ମତଦାନ କରିଛନ୍ତି। ଚଳିତ ବର୍ଷ ନିର୍ବାଚନରେ ୨୦୧୯ ନିର୍ବାଚନ ଅପେକ୍ଷା ୫.୭୫ ପ୍ରତିଶତ ଅଧିକ ମତାଦାନ ହୋଇଛି। ତେଣୁ ଫଳାଫଳରେ କିଛି ଟା ପରିବର୍ତ୍ତନ ହୋଇପାରେ ବୋଲି ରାଜନୈତିକ ସମୀକ୍ଷକମାନେ କହୁଛନ୍ତି। ଭୁବନେଶ୍ୱର ଲୋକସଭା ଏବଂ ଜିଲ୍ଲାର ୭ଟି ନିର୍ବାଚନ ମଣ୍ଡଳୀରେ ମୁଖ୍ୟତଃ ବିଜେପି ଓ ବିଜେଡି ମଧ୍ୟରେ ଲଢେଇ ହୋଇଥିବାବେଳେ ଜଟଣୀରେ ବିଜେଡି ଓ କଂଗ୍ରେସ ମଧ୍ୟରେ ଲଢେଇ ହୋଇଥିବା ବିଭିନ୍ନ ଦଳର ନେତା ଓ କର୍ମୀମାନେ ଆଲୋଚନା କରୁଛନ୍ତି।

ସୂଚନାଯୋଗ୍ୟ, ଜିଲ୍ଲାର ୮ଟି ବିଧାନ ସଭା ନିମନ୍ତେ ସମୁଦାୟ ୧୨, ୪୫, ୯୪୯ଭୋଟର ମତଦାନ କରିଛନ୍ତି। ପ୍ରାର୍ଥୀଙ୍କ ଭାଗ୍ୟ ଏବେ ଇଭିଏମ୍ ରେ ସିଲ ହୋଇ ଷ୍ଟ୍ରଙ୍ଗରୁମ୍ ଭିତରେ ରହିଛି। ଜିଲ୍ଲା ନିର୍ବାଚନ ବିଭାଗ ତଥ୍ୟ ଅନୁସାରେ ୬, ୪୦, ୨୨୯ଜଣ ପୁରୁଷ ଭୋଟର ଭୋଟ ଦେଇଥିବାବେଳେ ୬, ୦୫, ୫୯୧ଜଣ ମହିଳା ଓ ଅନ୍ୟାନ୍ୟ ୧୨୯ଜଣ ଭୋଟର ସେମାନଙ୍କର ମତଦାନ କରିଛନ୍ତି। ତେବେ କିଏ ବିଜୟ ମୁକୁଟ ପିନ୍ଧିବ ତାହା ଆଉ ଦୁଇଦିନ ର ନିର୍ବାଚନ ଫଳାଫଳ ପରେ ସ୍ପଷ୍ଟ ହୋଇଯିବ। ଖୋର୍ଦ୍ଧାରେ ବିଧାନସଭା ନିମନ୍ତେ ୧୦ଜଣ ପ୍ରାର୍ଥୀଙ୍କୁ ୨୫୭ବୁଥ୍ ରେ ୧୮୧୩୬୪ଜଣ ଭୋଟର ଭୋଟ ଦେଇଛନ୍ତି। ବେଗୁନିଆ ନିର୍ବାଚନ ମଣ୍ଡଳୀର ୨୩୯ ବୁଥ୍‌ରେ ୧୧ଜଣ ପ୍ରାର୍ଥୀଙ୍କୁ ୧୫୭୮୬୭ଜଣ ଭୋଟର ଭୋଟ ଦେଇଛନ୍ତି। ଚିଲିକା ନିର୍ବାଚନ ମଣ୍ଡଳୀର ୮ଜଣ ପ୍ରାର୍ଥୀଙ୍କୁ ୨୪୬ବୁଥରେ ୧୬୭୨୮୩ଜଣ ଭୋଟର ଭୋଟ ଦେଇଥିଲେ। ଜୟଦେବ ନିର୍ବାଚନ ମଣ୍ଡଳୀରେ ୮ପ୍ରାର୍ଥୀଙ୍କୁ ୨୩୬ବୁଥ ରେ ୧୪୭୯୩୭ ଭୋଟର ଭୋଟ ଦେଇଥିବାବେଳେ ଭୁବନେଶ୍ୱର (ମଧ୍ୟ)ରେ ୧୩ଜଣଙ୍କୁ ୨୦୦ବୁଥ ଯୋଗେ ୧୧୨୨୮୬ଜଣ ଭୋଟ ଦେଇଥିଲେ। ଭୁବନେଶ୍ୱର (ଉତ୍ତର)ରେ ୧୨ପ୍ରାର୍ଥୀଙ୍କୁ ୨୫୪ବୁଥ୍ ଯୋଗେ ୧୫୪୧୧୦ଭୋଟର ଭୋଟ ଦେଇଛନ୍ତି। ସେହିପରି ଏକାମ୍ରରେ ୧୨ଜଣ ପ୍ରାର୍ଥୀଙ୍କୁ ୨୩୭ ବୁଥ୍‌ରେ ୧୫୧୮୭୭ଜଣ ଭୋଟ ଦେଇଥିବା ବେଳେ ଜଟଣୀ ନିର୍ବାଚେନମଣ୍ଡଳୀରେ ୯ଜଣ ପ୍ରାର୍ଥୀଙ୍କୁ ୨୫୪ବୁଥ୍ ଯୋଗେ ୧୭୩୨୨୫ଜଣ ଭୋଟର ସେମାନଙ୍କର ମତଦାନ କରିଛନ୍ତି।

ଜିଲ୍ଲାର ୮ଟି ବିଧାନସଭାରେ ୮୩ ଓ ଭୁବନେଶ୍ୱର ଲୋକସଭାର ୧୨ପ୍ରାର୍ଥୀ ଓ ତାଙ୍କ ସମର୍ଥକ ଏବେ ହାରଜିତର ଅଙ୍କ କଷୁଥିବା ବେଳେ ବିଜୟୀ କିଏ ହେବ ତାକୁ ନେଇ କଳ୍ପନା ଜଳ୍ପନା ଦେଖାଯାଇଛି। ବିଜୟ ଟିକା ଭୋଟର କାହାକୁ ପିନ୍ଧାଇବେ ତାକୁ ନେଇ ନିର୍ବାଚନ ମଣ୍ଡଳୀରେ ବେଶ ଚର୍ଚ୍ଚା ଚାଲିଥିବା ବେଳେ କେହି କେହି ଫୁଲ ଓ ବାଣ ପାଇଁ ଦୋକାନୀଙ୍କୁ ଅଗ୍ରୀମ ଦେଇଥିବା କୁହାଯାଉଛି।

# ଅବସର ଦିବସରେ ପୂର୍ଣ୍ଣାଙ୍ଗ ପେନ୍‌ସନ୍ ପ୍ରଦାନ

**ଖୋର୍ଦ୍ଧା, ୧।୬(ସମିସ):** କର୍ମଚାରୀଟିଏ ଅବସର ନେବା ପରେ ନିଜର ପେନ୍‌ସନ୍ ଗଣ୍ଡାଙ୍କ ପାଇ ବାରମ୍ବାର ନିଜ କର୍ମକ୍ଷେତ୍ରକୁ ଧାଇଁ ଥାଏ। ଏହା ପାଇବା ପାଇଁ ଅନେକ ସମୟ ଆବଶ୍ୟକ ହୋଇଥାଏ। ସମୟ ସାପେକ୍ଷ ପଦକ୍ଷେପ ନିମିତ ଅବସର ଗ୍ରହଣ ଦିବସରେ ହିଁ ପେନ୍‌ସନ୍ ଦିଆଯାଇପାରୁଛି। ଏହି ଅବସରରେ ଶନିବାର ଖୋର୍ଦ୍ଧାବ୍ଲକ ଶିକ୍ଷା ପ୍ରଶାସନ ପକ୍ଷରୁ ବରୁଣେଇ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସଂଧ୍ୟାବାଳା ପଟ୍ଟନାୟକ ଓ କାଇପଦର ମାଳିସାହି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ତ୍ରିଲୋଚନ ବେହେରାଙ୍କୁ ଅବସର ଦିବସରେ ଅନ୍ତିମ ପେନ୍‌ସନ୍ ପ୍ରଦାନ କରାଯାଇଛି। ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଆୟୋଜିତ କାର୍ଯ୍ୟକ୍ରମରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ସଂଧ୍ୟାରାଣୀ ରାଉତ ଏହି ଦୁଇ ପ୍ରଧାନଶିକ୍ଷକଙ୍କୁ ପେନସନ ପ୍ରଦାନ କରିଥିଲେ।

ଶିକ୍ଷା ବିଭାଗର ଏଭଳି ତ୍ୱରିତ କାର୍ଯ୍ୟକୁ ଖୋର୍ଦ୍ଧାର ସମସ୍ତ ବୁଦ୍ଧିଜୀବୀ, ଶିକ୍ଷାବିତ୍, ଶିକ୍ଷକ ସଂଘ, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ପ୍ରମୁଖ ପ୍ରଶଂସା କରିଛନ୍ତି। ଏହି କାର୍ଯ୍ୟକ୍ରମକୁ ସଫଳ ରୂପାୟନ ନିମିତ ସମସ୍ତ ପ୍ରକାର ସହଯୋଗ ବିଦ୍ୟାଳୟ ଗଣ ଶିକ୍ଷା ବିଭାଗ, ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ, ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ, ଏ.ଜି ଅଫିସ୍, କଂଟ୍ରୋଲ ଅଫ୍ ଆକାଉଣ୍ଟ କାର୍ଯ୍ୟାଳୟ ପ୍ରମୁଖ ସହଯୋଗର ହାତ ବଢ଼ାଇବା ସହିତ ତ୍ୱରିତ୍ ପଦକ୍ଷେପ ନେଇଥିଲେ।

# ଖୋର୍ଦ୍ଧା ମଣ୍ଡଳ ସାଧନ କେନ୍ଦ୍ର ସଂଯୋଜକଙ୍କୁ ଅବସର ସମ୍ବର୍ଦ୍ଧନା





**ଖୋର୍ଦ୍ଧା, ୧।୬(ସମିସ):** ଖୋର୍ଦ୍ଧା ଗୋଷ୍ଠି ଶିକ୍ଷା କାର୍ଯ୍ୟାଳୟ ପରିସରରେ ଅନ୍ତିମ ଦିବସରେ ମଣ୍ଡଳ ସାଧନ କେନ୍ଦ୍ର ସଂଯୋଜକ କୃଷ୍ଣଚନ୍ଦ୍ର ବେହେରାଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ଶିକ୍ଷା ଅଧିକାରୀ ସଂଧ୍ୟାରାଣୀ ରାଉତଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥିଭାବେ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟର ସହ-ନିର୍ଦ୍ଦେଶକ ହିମାଂଶୁ ଭୂଷଣ ଓଝା, ସମ୍ମାନୀତ ଅତିଥି ବରିଷ୍ଠ ଗୋଷ୍ଠୀ ଶିକ୍ଷା ଅଧିକାରୀ, ଜଟଣୀ ରଶ୍ମିବାଳା ପରିଡ଼ା, ଓଡ଼ିଶା ଆଦର୍ଶ ବିଦ୍ୟାଳୟର ସହନିର୍ଦ୍ଦେଶକ ଏମ୍‌ଏସ୍ ସ୍ମାତା ପ୍ରମୁଖ ଯୋଗଦେଇଥିଲେ। ଶିକ୍ଷକ ଓ ଚିକିତ୍ସକମାନଙ୍କର ଅବସର ନାହିଁ ସେମାନେ କର୍ମକ୍ଷେତ୍ରରେ ନିଜକୁ ପ୍ରତିପାଦିତ କରନ୍ତି ଜୀବନ ଥିଲା ପର୍ଯ୍ୟନ୍ତ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ମଣ୍ଡଳ ସାଧନ କେନ୍ଦ୍ର ସଂଯୋଜକ ଶ୍ରୀ ବେହେରା ଜଣେ ମେଳାପୀ, ଶିକ୍ଷକ ବତ୍ସଳ, ପରୋପକାରୀ, ସ୍ନେହୀ, ଓ ସୁସମ୍ପର୍କ ସ୍ଥାପନ କରି ଖୋର୍ଦ୍ଧା ଶିକ୍ଷା କାର୍ଯ୍ୟାଳୟରେ ନିଜର ପାରିଦର୍ଶିତା ପ୍ରତିପାଦନ କରିପାରିଛନ୍ତି। ବିଦ୍ୟାଳୟ ସହିତ ସୁସମ୍ପର୍କ ସ୍ଥାପନ କରିବା ସହିତ ତାଙ୍କର କଥାବାର୍ତ୍ତା ଓ ଚାଲିଚଳଣୀ ଖୋର୍ଦ୍ଧା ବ୍ଲକର ପ୍ରତ୍ୟେକ ଶିକ୍ଷକ ଶିକ୍ଷୟିତ୍ରୀମନେ ରଖିବେ ବୋଲି କହିଥିଲେ। ଦୀର୍ଘ ୩୬ବର୍ଷ କାର୍ଯ୍ୟକାଳ ଭିତରେ ପ୍ରାଥମିକ ଶିକ୍ଷାସ୍ତରକୁ ଉପରକୁ ନେବା ପାଇଁ ବହୁ ଉପକାର କାର୍ଯ୍ୟକ୍ରମ କରି ପ୍ରଶଂସିତ ହୋଇପାରିଛନ୍ତି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ।

### ଶିକ୍ଷକ ଓ ଚିକିତ୍ସକଙ୍କର ଅବସର ନାହିଁ

ଅନ୍ୟମାନଙ୍କ ମଧ୍ୟରେ ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ସଂଧ୍ୟାବତୀ ଲେଙ୍କା, ବରିଷ୍ଠ ସହାୟକ ଗଙ୍ଗାଧର ନାୟକ, କନିଷ୍ଠ ସହାୟକ ପ୍ରଦୀପ୍ତ କୁମାର ସାହୁ, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଯୁଧିଷ୍ଠିର ସାହୁ, ଅମୀୟ କୁମାର ପରିଡ଼ା, ରେବତୀ ପଣ୍ଡା, ରବିନାରାୟଣ ପଣ୍ଡା, ରବୀନ୍ଦ୍ର ପ୍ରଧାନ, ଧ୍ରୁବଚରଣ ରଣା, ଭାଗ୍ୟଶ୍ରୀ ମହାପାତ୍ର, ପୂର୍ଣ୍ଣଲକ୍ଷ୍ମୀ ମହାରଣା, ବିକାଶ ମୁଦୁଲି, ରବି ସାହୁ, ଅମୀୟ ଜେନା, ହିସାବ ରକ୍ଷକ ସୁରଭି ପାଣିଗ୍ରାହୀ, ସୋନାଲୀ ନାୟକ, ହୃଦାନନ୍ଦ ସାହୁ, ଅରୁଣ ରାୟ, ତୃପ୍ତି ଦାସ, ଲୋପାମୁଦ୍ରା ପଣ୍ଡା, ସସ୍ମିତା ବଳିୟାରସିଂହ, ପବିତ୍ର ଦଳେଇ, ନୀଳାମ୍ବର ନାୟକ, ବିଭୁଦତ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ଘରେ ପଶି କଳାକନା ବୁଲାଇଲେ ଦୁର୍ବୃତ୍ତ

**ବେଗୁନିଆ, ୧।୬(ସମିସ):** ବାଘମାରୀ ଥାନା ଅନ୍ତର୍ଗତ କଣ୍ଟା ମଳିମ ଗ୍ରାମରେ ଶୁକ୍ରବାର ବିଳମ୍ବିତ ରାତ୍ରରେ ଦୁର୍ବୃର୍ତ୍ତ ଘରେ ପଶି ସୁନାଅଳଙ୍କାର ସମେତ ନଗଦ ଟଙ୍କା ଲୁଟି ନେଇଛନ୍ତି। ସୂଚନା ଅନୁଯାୟୀ ପ୍ରଦୀପ କୁମାର ମାର୍ଥାଙ୍କ ଘରୁ ଗୋଟିଏ ସୁନାହାର, ଚାରୋଟି ମୁଦି ଓ ନଗଦ ୧୫ ହଜାର ଟଙ୍କା ନେଇ ଯାଇଛନ୍ତି। ତତ ସହିତ ପଡ଼ୋଶୀ ମଧୁ ପାତ୍ରଙ୍କ ଘରର କବାଟ ତାଡି ଦେଇଥିବା ବେଳେ କିଛି ଜିନିଷପତ୍ର ନେଇ ପାରିନାହାଁନ୍ତି ବୋଲି ପରିବାର ଲୋକ କହିଛନ୍ତି। ଏନେଇ ବାଘମାରି ଥାନାରେ ଅଭିଯୋଗ ପରେ ଥାନା ଅଧିକାରୀ ଶମ୍ଭୁନାଥ ନାୟକ ଘଟଣା ସ୍ଥଳରେ ପହଁଞ୍ଚôଚ ପ୍ରାଥମିକ ତଦନ୍ତ କରିଛନ୍ତି।

# ସେବାନିବୃତ ଶିକ୍ଷକଙ୍କୁ ପେନ୍‌ସନ ପ୍ରଦାନ




**ବେଗୁନିଆ, ୧।୬(ସମିସ):** ବେଗୁନିଆ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ବ୍ଲକ ସ୍ତରୀୟ ସେବା ନିବୃତ ପେନସନ ପ୍ରଦାନ ଉତ୍ସବ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଛି। ଏଥିରେ କୋକସିଂହ ସରକାରୀ ପ୍ରାଥମିକ ବିଦ୍ୟାଳୟ, ମାନଗୋବିନ୍ଦପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଅତ୍ରି ପଣସବସ୍ତ ସରକାରୀ ପ୍ରାଥମିକ ବିଦ୍ୟାଳୟ ଓ ସିମୋର କୁଞ୍ଜ ବିହାରୀ ଦେବ ସରକାରୀ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ସର୍ବେଶ୍ୱର ସାହୁ, ସୁବାଷ ଚନ୍ଦ୍ର ସାହୁ, ମଧୁସୂଦନ ମହାରଣା ଓ ଶିକ୍ଷୟିତ୍ରୀ ସ୍ନେହଲତା ଦାସ ପ୍ରମୁଖ ସେବା ନିବୃତ୍ତ ହୋଇଥିବାରୁ ପେନସନ ପ୍ରଦାନ କରାଯାଇଛି। ଏଥିରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଭାସ୍କର ଲେଙ୍କା, ମଣ୍ଡଳ ସାଧନ କେନ୍ଦ୍ର ସଂଯୋଜିକା ଲକ୍ଷ୍ମୀ ଦେଇ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଚନ୍ଦ୍ରକାନ୍ତି ନାୟକ, କୈଳାସ ଚନ୍ଦ୍ର ସେଠୀ, ମୁଖ୍ୟ କିରାଣୀ ଶରତ ଚନ୍ଦ୍ର ପଟ୍ଟନାୟକ ଓ ହିସାବ ରକ୍ଷକ ବିରଞ୍ଚି ନାରାୟଣ ମହାପାତ୍ର, ପ୍ରାଥମିକ ଶିକ୍ଷକ ସଂଘ ସଦସ୍ୟ ଓ ସିଆରସିସି ଉପସ୍ଥିତ ରହି ବିଦାୟୀ ଶିକ୍ଷକଶିକ୍ଷୟିତ୍ରୀଙ୍କୁ ପେନସନପତ୍ର ପ୍ରଦାନ କରିବା ସହ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ।

# ଶ୍ରୀଜଗନ୍ନାଥାୟନରେ 'ଶ୍ରୀଜୟଦେବ' ମଞ୍ଚସ୍ଥ

**ପୁରୀ, ୧।୬(ସମିସ):** ଭକ୍ତ କବିତାର ପଦପୂରଣ ପାଇଁ ଠାକୁର ନିଜେ ଲେଖିଦିଅନ୍ତି 'ଦେହି ପଦପଲ୍ଲବ ମୁଦାରମ୍'। ଏହା ହିଁ ଶ୍ରୀଜଗନ୍ନାଥ ସଂସ୍କୃତିର ମହାନତା ବୋଲି କହିଛନ୍ତି ଓଡ଼ିଶା ସଙ୍ଗୀତ ନାଟକ ଏକାଡ଼େମୀ ପୁରସ୍କାରପ୍ରାପ୍ତ ଗୀତିକାର ବଦ୍ରି ମିଶ୍ର। ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଓଡ଼ିଶା ସଙ୍ଗୀତ ନାଟକ ଏକାଡ଼େମୀର ମିଳିତ ସହଯୋଗରେ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ଶନିବାର ଆୟୋଜିତ ଶ୍ରୀଜଗନ୍ନାଥାୟନ କାର୍ଯ୍ୟକ୍ରମରେ ଅତିଥି ଭାବେ ଯୋଗଦେଇ ଶ୍ରୀ ମିଶ୍ର ଶ୍ରୀଜୟଦେବଙ୍କ ଗୀତଗୋବିନ୍ଦ ଓ ଦଶାବତାର ସଙ୍ଗୀତ ଉପରେ ମତବ୍ୟକ୍ତ କରିଥିଲେ। ଏଥିରେ ଅନ୍ୟତମ ଅତିଥି ଭାବେ ବର୍ଷିଆନ ଅଭିନେତା ପ୍ରସନ୍ନ ମିଶ୍ର, ନାଟ୍ୟକାର ଦୟାନିଧି ତ୍ରିପାଠୀ, ନିର୍ଦ୍ଦେଶକ ଲକ୍ଷ୍ମୀଧର ପୂଜାପଣ୍ଡା, ସମାଜସେବୀ ଚକ୍ରଧର ମହାପାତ୍ର ଶ୍ରୀଜଗନ୍ନାଥାୟନ ସମ୍ପର୍କରେ ଅଭିଭାଷଣ ରଖିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ କଣ୍ଠଶିଳ୍ପୀ ଦିଲୀପ ମହାନ୍ତି ଭକ୍ତି ସଙ୍ଗୀତ ପରିବେଷଣ କରିଥିଲେ। ଏହା ପରେ ପରେ କଟକର ଲାସ୍ୟ ଡ୍ୟାନ୍ସ ଏକାଡେମୀ ପକ୍ଷରୁ ସମୀକ୍ଷା ଦିକ୍ଷୀତଙ୍କ ନିର୍ଦ୍ଦେଶନାରେ ନାଟକ 'ଶ୍ରୀଜୟଦେବ' ସଫଳତାର ସହ ମଞ୍ଚସ୍ଥ ହୋଇଥିଲା। କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ନାଟ୍ୟ ନିର୍ଦ୍ଦେଶକ ବିକ୍ରମ ସାହୁ ଓ ଗୋବିନ୍ଦ ମହାନ୍ତି।

# ଶ୍ରାଦ୍ଧ ବାର୍ଷିକୀରେ ଛାତ୍ରୀଙ୍କୁ ଆର୍ଥିକ ସହାୟତା

**ପୁରୀ, ୧।୬(ସମିସ):** ଶିକ୍ଷୟତ୍ରୀଙ୍କ ମହାନତା। ସ୍ୱାମୀଙ୍କ ଶ୍ରାଦ୍ଧ ବାର୍ଷିକ ଅବସରରେ ମେଧାବୀ ଛାତ୍ରଛାତ୍ରୀଙ୍କୁ ଆର୍ଥିକ ସହାୟତା ରାଶି ପ୍ରଦାନ କରୁଛନ୍ତି। ବଳଗଣ୍ଡି ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷୟିତ୍ରୀ ଅର୍ଣ୍ଣଦା ମହାନ୍ତି ତାଙ୍କ ସ୍ୱାମୀ ଶାରଦା ପ୍ରସନ୍ନ ପଟ୍ଟନାୟକଙ୍କ ଚତୁର୍ଥ ଶ୍ରାଦ୍ଧବାର୍ଷିକ ଅବସରରେ ଶନିବାର ଦଶମ ଶ୍ରେଣୀର ମେଧାବୀ ଛାତ୍ରୀ ଆରାଧନା ମହାନ୍ତିଙ୍କୁ ୧୦ ହଜାର ଟଙ୍କା ପ୍ରଦାନ କରିଛନ୍ତି। ଶିକ୍ଷୟିତ୍ରୀ ଅର୍ଣ୍ଣଦା ମହାନ୍ତି ସ୍ୱାମୀଙ୍କ ପ୍ରତେକ ଶ୍ରାଦ୍ଧବାର୍ଷିକ ଅବସରରେ ମେଧାବୀ ଛାତ୍ରଛାତ୍ରୀଙ୍କୁ ଉତ୍ତମ ଶିକ୍ଷା ଗ୍ରହଣ କରିବା ଲାଗି ଆର୍ଥିକ ରାଶି ସହାୟତା କରିଥାନ୍ତି। ଶନିବାର ଏଭଳି ଏକ ନିଆରା କାମ କରି ସ୍ୱାମୀଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି। ତାଙ୍କର ଏଭଳି କାର୍ଯ୍ୟକୁ ସହରବାସୀ ପ୍ରଶଂସା କରିଛନ୍ତି।

## ଅସହ୍ୟ ଗ୍ରୀଷ୍ମ ପ୍ରବାହ ସାଙ୍ଗକୁ ଗୁଳୁଗୁଳି ଜାରି

# ଅଘୋଷିତ ବିଦ୍ୟୁତ୍ କାଟକୁ ନେଇ ଜନଅସନ୍ତୋଷ

**ବାଲୁଗାଁ, ୧।୬(ସମିସ)**

ଅସହ୍ୟ ଗ୍ରୀଷ୍ମ ପ୍ରବାହ ସାଙ୍ଗକୁ ଗୁଳୁଗୁଳି ଜାରି ରହିଥିବା ବେଳେ ସମଗ୍ର ଚିଲିକା ନିର୍ବାଚନ ମଣ୍ଡଳୀ ତଥା ବାଲୁଗାଁ ବାଣପୁର ଅଞ୍ଚଳରେ ବାରମ୍ବାର ଅଘୋଷିତ ବିଦ୍ୟୁତ୍ କାଟ୍ ଓ ଲୋଭୋଲଟେଜକୁ ନେଇ ଜନ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ସମଗ୍ର ଅଞ୍ଚଳରେ ଘରୋଇ କମ୍ପାନୀ ଟାଟା ବିଦ୍ୟୁତ୍ ସେବା ଯୋଗାଇ ଦେଇଆସୁଥିବା ସହ ଏହାର ରକ୍ଷଣବେକ୍ଷଣା ଓ ବିଦ୍ୟୁତ୍ ବିଲ ଆଦାୟ ଦାୟିତ୍ୱ ମଧ୍ୟ ଉକ୍ତ ଟାଟା କମ୍ପାନୀ ତୁଲାଉଛି। ଘରୋଇ ଟାଟା କମ୍ପାନୀର ସେବା ପ୍ରଦାନକୁ ନେଇ ବିଭିନ୍ନ ଅଞ୍ଚଳରେ ବାରମ୍ବାର ଅଭିଯୋଗ ହେଉଥିବା ବେଳେ ଟାର୍ଗେଟ ପୂରଣ ପାଇଁ ବକେୟା ଆଦାୟକୁ ନେଇ ବିଦ୍ୟୁତ୍ କାଟ୍‌ର ନାଲିଆଖି ଦେଖାଇ ଟଙ୍କା ଆଦାୟ କରୁଛି। ବର୍ତ୍ତମାନ ସାରା ରାଜ୍ୟରେ ପ୍ରଚଣ୍ଡ ଖରାର ତାତି ଓ ଗ୍ରୀଷ୍ମ ପ୍ରବାହ ସାଙ୍ଗକୁ ଅସହ୍ୟ ଗୁଳୁଗୁଳି ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଥିବା ବେଳେ ସମଗ୍ର ବାଲୁଗାଁ ବାଣପୁର ଅଞ୍ଚଳରେ ଦୈନନ୍ଦିନ ବାରମ୍ବାର ଅଘୋଷିତ ବିଦ୍ୟୁତ୍ କାଟ୍ ଲୋକଙ୍କ ପାଇଁ ବୋଝ ଉପରେ ଲଳିତା ବିଡା ସଦୃଶ ହୋଇପଡ଼ିଛି। ବାରମ୍ବାର ଅଘୋଷିତ ବିଦ୍ୟୁତ୍‌କାଟ ସାଙ୍ଗକୁ ଲୋଭୋଲଟେଜ ଯୋଗୁଁ ଲୋକେ ପିଲାଛୁଆଙ୍କୁ ଧରି ଅସହ୍ୟ ଗରମରେ ଲୋକେ ଡ଼ହଳ ବିକଳ ହେଉଛନ୍ତି। ଏଠାରେ ଟାଟା କମ୍ପାନି ଦୈନିକ ଦିବା ଓ ରାତ୍ର ସମୟରେ ମଧ୍ୟ ୨୦ ରୁ ୨୫ ଥର ବିଦ୍ୟୁତକାଟ୍ କରୁଛି। ଏହିପରି ବିଦ୍ୟୁତ କାଟ୍ ଯୋଗୁଁ ସରକାରୀ ବେସରକାରୀ କାର୍ଯ୍ୟାଳୟର ଅଫିସକାର୍ଯ୍ୟରେ ବାଧା ସୃଷ୍ଟି ହୋଉଛି। ବିନା କାରଣରେ ୧୫ ରୁ ୨୦ ମିନିଟ ବିଦ୍ୟୁତ୍ କାଟ ହେଉଛି। ବିଳମ୍ବିତ ରାତ୍ରରେ ଘଣ୍ଟା ଘଣ୍ଟା ଧରି ଅଘୋଷିତ ବିଦ୍ୟୁତତ୍ କାଟ ହେଉଛି। ଏଥିପ୍ରତି ବିଭାଗିୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟିଦେବାକୁ ସାଧାରଣରେ ଦୃଢ଼ ଦାବି ହେଉଛି।

# ହାତୀପଲ ନଷ୍ଟ କଲେ ଫସଲ



**ବେଗୁନିଆ, ୧।୬(ସମିସ):** ବେଗୁନିଆ ବ୍ଲକ ସିକୋ ପଞ୍ଚାୟତ ଅନ୍ତର୍ଗତ ଖଡିପଦର ଗ୍ରାମରେ ଥିବା ରାମଚନ୍ଦ୍ର ବେହେରାଙ୍କ ଫାର୍ମ ହାଉସରେ ଶୁକ୍ରବାର ରାତିରେ ହାତୀପଲ ପଶି ଫସଲ ନଷ୍ଟ କରିବା ସହିତ ଗଛପତ୍ର ଭଙ୍ଗା ରୁଜା କରିଦେଇଥିବାର ଜଣାପଡ଼ିଛି। ସୂଚନା ଅନୁଯାୟୀ ଶୁକ୍ରବାର ବିଳମ୍ବିତ ରାତିରେ ଖାଦ୍ୟ ଅନ୍ୱେଷଣରେ ୧୭ଟି ହାତୀପଲ ପଶି ୩୫ଟି ନଡ଼ିଆ ଗଛ, କଦଳୀ ଗଛ ଓ ପନିପରିବା ଫସଲ ଭଙ୍ଗା ରୁଜା କରିଥିବାର ଜଣାପଡ଼ିଛି। ଖବର ପାଇ କ୍ଷତିଗ୍ରସ୍ତ ଚାଷୀଙ୍କ ନିକଟରେ ବନରକ୍ଷୀ ପହଞ୍ଚି ଆବଶ୍ୟକୀୟ କାଗଜାତ ସଂଗ୍ରହ କରି କ୍ଷତିପୂରଣ ଦେବା ପାଇଁ ନେଇ ଯାଇଛନ୍ତି।

